RNI No.ODIODI/2010/33031
୧୬ ବର୍ଷ Volume-16
ISSUE -273 ସଂଖ୍ୟା-୨୭୩
ଭୁବନେଶ୍ୱର, ବୁଧବାର ୧୪ ଜାନୁଆରୀ ୨୦୨୬
Bhubaneswar, Wednesday 14 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

କେନ୍ଦୁଝରରେ ୭୧ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୧(ନି.ପ୍ର.): ଏହି ସମୟ କେନ୍ଦୁଝର ବିକାଶ ପାଇଁ ଠିକ ସମୟ । ଯହି ସମୟ ହେ, କେନ୍ଦୁଝର ବିକାଶ କେଲିଏ, ବିଲକୁଲ ସହି ସମୟ ହେ। ଆଜି କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଇଁ ୧୯୦୦ କୋଟିରୁ ଉର୍ଦ୍ଧ୍ୱ ୭୧ଟି ପ୍ରକଳ୍ପର ଶୁଭଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ସୂଚନାଯୋଗ୍ୟଯେ, ଆଜି ସମୁଦାୟ ୧୭୦୮ କୋଟି ଟଙ୍କା ମୂଲ୍ୟର ୩୫ ଟି ପ୍ରକଳ୍ପର ଶିଳାନ୍ୟାସ କରାଗଲା ଏବଂ ପ୍ରାୟ ୧୯୪ କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ କରାଗଲା । ଏଥିରେ କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଇରିଗେସନ, ପାର୍କିଂ ଜୋନ, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତିକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରୀ, କ୍ୟାଫିଅର କାଉନ୍‌ସେଲିଂ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡି ବିଲ୍ଡିଂ ଇତ୍ୟାଦି ରହିଛି ।

ପୂର୍ବରୁ ଘୋଷଣା ଅନୁଯାୟୀ କେନ୍ଦୁଝରରେ ରିଜିଓନାଲ୍ ପ୍ଲାଂଟ ରିସୋର୍ସ ସେଂଟର ପାଇଁ ୫୦ କୋଟି ଟଙ୍କା ବିନିଯୋଗରେ ଶିଳାନ୍ୟାସ କରାଗଲା ଏବଂ ୩୮ କୋଟି ୨୨ ଲକ୍ଷ ଟଙ୍କାରେ ୧୪୭ଟି ମଡେଲ ଅଙ୍ଗନବାଡି କେନ୍ଦ୍ର ପ୍ରତିଷ୍ଠା ପାଇଁ ମଧ୍ୟ ଶିଳାନ୍ୟାସ କରାଗଲା । ୧୦୧ କୋଟି ଟଙ୍କା ବିନିଯୋଗରେ ୬ଟି ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ମଧ୍ୟ ଶିଳାନ୍ୟାସ କରାଗଲା ।କେନ୍ଦୁଝରର ବିଭିନ୍ନ ସ୍ଥାନରେ ୨୧.୫୦ କୋଟି ଟଙ୍କା ବିନିଯୋଗରେ ୧୦୪ଟି ଏସିଆର, ଆଇସିଟି, ଆଇସିଟି ଲାବ, ବାଉଣ୍ଡରୀ ୱାଲ୍‌ର ଉଦ୍‌ଘାଟନ କରାଯାଇଛି । ଏଥିସହିତ ୧୪ କୋଟି ଟଙ୍କା ବିନିଯୋଗରେ ଚୁଣ୍ଟୁଆରେ ନିକଲସନ୍ ଫରେଷ୍ଟ ଟ୍ରେନିଂ ସ୍କୁଲ ମଧ୍ୟ ପ୍ରତିଷ୍ଠା କରାଯାଇଛି । ସେହିପରି ୯.୬୦ କୋଟି ଟଙ୍କାରେ ଖଣି କ୍ଷେତ୍ରରେ ସ୍ଥାନୀୟ ଯୁବକମାନଙ୍କୁ ସ୍କିଲ୍ ଟ୍ରେନିଂ ଦେବା ପାଇଁ ଉଗର ଖଣି ଶକ୍ତିର ଉଦ୍‌ଘାଟନ କରାଯାଇଛି ।

ଯେବେଠୁ ମାଆ ତାରିଣୀଙ୍କ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ସେବେଠାରୁ କେନ୍ଦୁଝରର ବିକାଶର ଡବଲ ଇଂଜିନ ଗାଡିରେ ରକେଟ୍ ଇଞ୍ଜିନ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ । କେଉଁଝର କେବଳ ଏକ ଜିଲ୍ଲା ନୁହେଁ– ଏହା ଉତ୍କୃଷ୍ଟ ପ୍ରକୃତିକ ସମ୍ପଦର ଭୂମି। ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କର୍ମଠ ଲୋକଙ୍କ ଭୂମି। ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି। ଖଣିଜ ପଦାର୍ଥ ଠାରୁ ଆରମ୍ଭ କରି ଜଙ୍ଗଲ, କୃଷି ଠାରୁ ମାନବ ସମ୍ବଳ ପର୍ଯ୍ୟନ୍ତ, କେନ୍ଦୁଝର ସର୍ବଦା ରାଜ୍ୟର ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରିଆସିଛି।

କେନ୍ଦୁଝର ଏକ ଇସ୍ପାତ ନଗରୀ ଭାବେ ଓଡିଶାର ଅର୍ଥନୀତିରେ ଆସ୍ତୁରି ଅବଦାନ ରଖିବ । କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ ବଡବିଲରେ ଏକ ରିଙ୍ଗ ରୋଡ କରାଯିବ । କେନ୍ଦୁଝର-ସେ କହିଥିଲେ, ଆସନ୍ତା ୩-୪ ବର୍ଷ ଭିତରେ କେନ୍ଦୁଝର ରାଜ୍ୟର ଏକ ଶ୍ରେଷ୍ଠ ଜିଲ୍ଲା ଭାବରେ ପ୍ରତିଷ୍ଠା ହାସଲ କରିବ । ସେହି କ୍ରମରେ କେନ୍ଦୁଝର ପାଇଁ ୧୭୦୮ କୋଟି ଟଙ୍କାର ୩୫ ଟି ପ୍ରକଳ୍ପର ଶିଳାନ୍ୟାସ ସହିତ, ୧୯୪ କୋଟି ଟଙ୍କାର ୩୬ ଟି ପ୍ରକଳ୍ପ ଉଦ୍ଘାଟିତ ହେଉଛି ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି କହିଥିଲେ, ଆମ ସରକାର ରାଜ୍ୟର ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ୨୦୦୦ ମସିହା ପରେ ମୁଁ ଅନେକ ବାର ବିଧାନସଭା ଭିତରେ ଏବଂ ବାହାରେ ଏହି ଆଞ୍ଚଳିକ ବୈଷମ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲି। କାରଣ ମୋ ନିଜ ଜିଲ୍ଲା ଏହି ଆଞ୍ଚଳିକ ବୈଷମ୍ୟତାର ଶିକାର ହୋଇଥିଲା। ଆମ ସରକାର ଆସିବା ମାତ୍ରେ ଲୋକଙ୍କ ଏହି ଅଭିଯୋଗକୁ ସମାଧାନ କରିବା ପାଇଁ ଆମ ସରକାର ତୁରନ୍ତ ଉତ୍ତର ଓଡିଶା ଏବଂ ଦକ୍ଷିଣ ଓଡିଶା ବିକାଶ ପରିଷଦ ପାଇଁ ଏକ ଟାସ୍କ ଫୋର୍ସ ଗଠନ କରିଥିଲେ । ରିପୋର୍ଟ ଆସିଲା ପରେ ଏହି ଦୁଇ ବିକାଶ ପରିଷଦ ସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। କେନ୍ଦୁଝରକୁ ଆସିବା ପୂର୍ବରୁ ରାଜ୍ୟର ସବୁ ୩୦ ଗୋଟି ଜିଲ୍ଲା ପାଇଁ ୧୧୦ ଟି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା । ସେହିପରି ଦୁଇ ଦିନ ତଳେ ସମ୍ବଲପୁରରେ ୯୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ତାର ଠିକ୍ କିଛି ଦିନ ପୂର୍ବରୁ ପବିତ୍ର ଧନୁଯାତ୍ରା ଅବସରରେ ବରଗଡ ଜିଲ୍ଲା ପାଇଁ ପ୍ରାୟ ୯୮୦ କୋଟି ଟାଙ୍କର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କରାଯାଇଥିଲା । ସରକାରଙ୍କ ଏହି ବିକାଶ ମୂଳକ କାର୍ଯ୍ୟ କେବଳ ଗୋଟିଏ ଜିଲ୍ଲା କି ଗୋଟିଏ ଅଞ୍ଚଳ ମଧ୍ୟରେ ସୀମାବଦ୍ଧ ନୁହେଁ । ବର୍ଷ ତମାମ, ପ୍ରତ୍ୟେକ ଜିଲ୍ଲା ପାଇଁ ଆଖିଦୃଶିଆ ବିକାଶ ମୂଳକ ପ୍ରକଳ୍ପ, ଯୋଜନା ଏବଂ ଭିତ୍ତିଭୂମି କରାଯାଉଛି ବୋଲି ସେ କହିଥିଲେ ।

ଚାଷୀଙ୍କ ପାଇଁ ରାସ୍ତାରେ ଗର୍ଜିଲା ବିଜେଡ଼ି

ନବରଙ୍ଗପୁର,୧୩।୧(ନି.ପ୍ର.): ମଣ୍ଡି ସମସ୍ୟା କୁ ନେଇ ନବରଙ୍ଗପୁର ର ସାତ ଟି ବ୍ଲକ ରେ ବିଜେଡି ର ଚକା ଜାମ । ମଣ୍ଡିରେ ଧାନ ନ ଉଠିବା ଚାଷୀ ଧାନ ବିକ୍ରି ନ କରି ହଇରାଣ ହେଉଥିବା ଅଭିଯୋଗ କରି ପ୍ରତିବାଦ ରେ ରାଜରାସ୍ତା କୁ ଓହ୍ଲାଇଛି ନବରଙ୍ଗପୁର ଜିଲ୍ଲା ବିଜେଡି। ଜିଲ୍ଲା ବିଜେଡି ତରଫରୁ ନବରଙ୍ଗପୁର ଜିଲ୍ଲାର ସାତ ଗୋଟି ବ୍ଲକ ରେ ଚକ ଅଖ ଜାମ କରାଯାଇଛି । ନବରଙ୍ଗପୁର ସହର ର ଚାଉଁରିଆଗୁଡା ଓ ମାଝୀଗୁଡା ଛକ ଠାରେ ରାସ୍ତା ଅବରୋଧ କରିଛନ୍ତି ଏହା ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ରାସ୍ତା ରଖ କରିବାର ଦେଖିବାକୁ ମିଳିଥିଲା ଫଳରେ ଦୂରଦୂରାନ୍ତରୁ ଆସୁଥିବା ଗାଡି ଗୁଡିକ ଅଟକି ରହିଥିଲା ଯାହା ଫଳରେ ଯାତ୍ରୀ ହଇରାଣ ହେଇଥିଲେ ।ବନ୍ଦ ରେ ଦୋକାନ ବଜାର ଖୋଲା ରହିବା ସହିତ ଜରୁରୀ କାଳୀନ ସେବା ଯୋଗାଉଥିବା ଗାଡି ଆମ୍ବୁଲାନ୍ସ ସହିତ ଚାଷୀ ଙ୍କ ଧାନ ଗାଡିକୁ ବନ୍ଦ ରୁ ବାଦ ଦିଆଯାଇଛି । ଚାଷୀର ଆୟ କୁ ଦ୍ୱିଗୁଣିତର ନାରା ଦେଇ କ୍ଷମତା କୁ ଆସିଥିବା ସରକାର ବର୍ତ୍ତମାନ ଚାଷୀ ଙ୍କୁ ସମସ୍ୟା ଭିତର କୁ ଠେଲି ଦେଇଥିବା ଅଭିଯୋଗ କରିଛନ୍ତି ବିଜେଡି ନେତା ଏହାସହ ଋଣ ଧାର କରଜ କରିଥିବା ଚାଷୀ ମଣ୍ଡି ରେ ଧାନ ବିକ୍ରି କରି ନ ପାରି ମାନସିକ ଅଶାନ୍ତି ରେ ଥିବା ଅଭିଯୋଗ କରିଛନ୍ତ । ଚଳିତ ସରକାର ଅମଳରେ ଚାଷୀ ନିର୍ଯ୍ୟାତିତ ହେବା ଓ ସରକାର ଙ୍କ ଚାଷୀ ମାରଣ ନୀତି ବିରୋଧରେ ବର୍ଷିଥିଲେ ବିଜେଡି ନେତା ।

ହଜାର ସଂଖ୍ୟାରେ ବିକେଡ଼ି କର୍ମୀ ଓ ଚାଷୀ ଭଣ୍ଡାରଘରଣୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ରେ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ କୁ ଘେରିଛନ୍ତି । ଏହି ଶୋଭାଯାତ୍ରା ରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ ଟ୍ରାକ୍ଟର ଚଳାଇ ଆସିଥିଲେ । ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ରେ ବିଜେଡି ନେତା ମାନେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କୁଶ ପୁତ୍ତଳିକା ଦାହ କରିବା ସହ କୃଷି ମନ୍ତ୍ରୀ ଙ୍କୁ ନିଜ ପଦରୁ ଇସ୍ତାଫା ଦେବାକୁ ଦାବି କରିଥିଲେ ।ଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଆନ୍ଦୋଳନକାରି ଙ୍କ ସହ ଆଲୋଚନା କରି ପ୍ରତିଦିନ ଦୁଇ

ହଜାର କ୍ୱିଚଣ୍ଟାଲ ପରିବର୍ତ୍ତ ଚାରି ହଜାର କ୍ୱିଣ୍ଟାଲ ଧାନ ପ୍ରତି ମିଲର ଉଠାଇ ପାରିବେ, ଆସନ୍ତା ସାତ ଦିନ ମଧ୍ୟରେ ଅନ୍ୟ ସବୁ ସମସ୍ୟା ର ସମାଧାନ କରିବା ସକାଶେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ବନ୍ଦ ହୋଇଥିଲା । ସନ୍ଧ୍ୟା ଛ ଟା ପର୍ଯ୍ୟନ୍ତ ଚକା ଅଖା ବନ୍ଦ କାର୍ଯ୍ୟକ୍ରମ ଚାଲୁ ରହିବ ।ଯୋଗାଣ ମନ୍ତ୍ରୀ ଙ୍କ ବୟାନ ୧୫୦ କ୍ୱିଣ୍ଟାଲ ରୁ ଅଧିକ ଧାନ ବିକ୍ରିକରୁଥିବା ଚାଷୀଙ୍କୁ ୮୦୦ସହ ଟଙ୍କା ଇନପୁଟ ସାହାଯ୍ୟ ଦୁଆଯିବ ନାହିଁ ବୋଲି ଦେଇଥିବା ମନ୍ତବ୍ୟ କୁ ମଧ୍ୟ ବିରୋଧ କରିଛନ୍ତି,ଚାଷୀଙ୍କୁ ସରକାର ରାଜ ରାସ୍ତାରେ ଓଲ୍‌ହେଇବା କୁ ମଧ୍ୟ ବାଧ୍ୟ କରୁଛନ୍ତି। ଅନ୍ୟ ପକ୍ଷରେ ଯଦି ଜିଲ୍ଲା ପ୍ରଶାସନ ସାତ ଦିନ ମଧ୍ୟରେ ସମସ୍ତ ଦାବି ପୂରଣ ନ କରନ୍ତି ତେବେ ଆନ୍ଦୋଳନ କୁ ଆହୁରୀ ଜୋରଦାର କରାଯିବ ବୋଲି କହିଛନ୍ତି ପ୍ରଦୀପ ମାଝୀ । ଆଜିର ଏହି ଆନ୍ଦୋଳନ ରେ ଜିଲ୍ଲା ବିଜେଡି ସଭାପତି ମନହୋର ରନ୍ଧାରୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନ, ମିଟୁ ପାତ୍ର, ପ୍ରମଦ ରଥ, ପିଣ୍ଟୁ ତ୍ରିପାଠୀ, ସ୍ମିତ ପାଲ, ନନ୍ଦ ନାୟକ, ଉତ୍ତମ ତ୍ରିପାଠୀ, ରାଧା ଭତ୍ତା, ମୋତିରମ ନାୟକ, ମଞ୍ଜୁଳା ମାଝୀ, ନବିନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଏଥର ଅନ୍‌ଲାଇନ୍‌ରେ ହୋଇପାରେ ଯୁକ୍ତ ଦୁଇ ଖାତା ଦେଖା

ଭୁବନେଶ୍ୱର,୧୩।୧(ନି.ପ.): ଅନଲାଇନରେ ହେବ +୨ ଖାତା ଦେଖା। ଏନେଇ ସୂଚନା ଦେଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ। ତାଙ୍କ କହିବା ଅନୁସାରେ, ସ୍ୱଚ୍ଛ, ନିରପେକ୍ଷ, ସମୟାନୁବର୍ତ୍ତିତା ପାଇଁ ଅନଲାଇନ୍ ଖାତା ଦେଖା ହେବ। ଏନେଇ ପ୍ରସ୍ତାବ ଯାଇଛି, ଅନୁମତି ମିଳିଲେ ହିଁ କାର୍ଯ୍ୟକ୍ଷମ ହେବ। ତେବେ ପୂର୍ବରୁ କେବଳ ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ଖାତା ଅନଲାଇନରେ ମୂଲ୍ୟାୟନ ହେଉଥିଲା। ହେଲେ ଏବେ ସମସ୍ତ ବିଭାଗର ଖାତା ଅନଲାଇନରେ ଦେଖାଯିବାକୁ ପ୍ରସ୍ତାବ ଦିଆଯାଇଛି।

ତେବେ ଏନେଇ ବୃତ୍ତାନ୍ତ ପାଇଁ ବଜେଟ ଫାଇନାଲ ହୋଇନାହିଁ। ବଜେଟ ମଞ୍ଜୁର ହେଲେ ସେନେଇ ନିଷ୍ପତ୍ତି ନିଆଯାଇପାରେ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ତେଣୁ ଆପ୍ରୁଭାଲ ମିଳିଲେ କାର୍ଯ୍ୟକାରୀ ହେବ।

ସୂଚନାଯୋଗ୍ୟ ଯେ, ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ଆରମ୍ଭ ହୋଇସାରିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପ୍ରାକ୍ଟିକାଲ୍ ପରୀକ୍ଷା ଜାନୁଆରି ୨ ତାରିଖରୁ ଆରମ୍ଭ ହୋଇସାରିଛି। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ବିଭାଗରେ ଦୁଇ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପ୍ରାକ୍ଟିକାଲ୍ ଓ ପରୀକ୍ଷା ଦେବେ। ବିଜ୍ଞାନ ବିଭାଗରେ ସର୍ବାଧିକ ୧ଲକ୍ଷ ରୁ ଅଧିକ ଓ କଳା ବିଭାଗରେ ପ୍ରାୟ ୮୦ ହଜାର ପରୀକ୍ଷାର୍ଥୀ ରହିଛନ୍ତି। ଜାନୁଆରି ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ପରୀକ୍ଷାରେ ବିଜ୍ଞାନ ବିଭାଗର ୧୨ଟି, କଳା ବିଭାଗର ୮, ବାଣିଜ୍ୟ ବିଭାଗର ଦୁଇ, ଧନ୍ଦାମୂଳକ ବିଭାଗର ୧୦ରୁ ଅଧିକ ବିଷୟରେ ପ୍ରାକ୍ଟିକାଲ ପରୀକ୍ଷା ହେବ।

କେନ୍ଦୁଝରରେ ଖୋଲିବ ଏନ୍‌ଏସଡି ରାଜ୍ୟ ଶାଖା

ଭୁବନେଶ୍ୱର,୧୩।୧(ନି.ପ୍ର.): କଳା ଏବଂ ସଂସ୍କୃତି ଯେକୌଣସି ସମାଜର ଆତ୍ମା। ଏହା ଦ୍ୱାରା ଆମର ଚିନ୍ତାଧାରା, ଆମର ସଂଘର୍ଷ, ଆମର ଆଶା ଏବଂ ଆମର ସ୍ୱପ୍ନକୁ ପ୍ରତିଫଳିତ ହୋଇଥାଏ ବୋଲି ଆଜି ନୃତ୍ୟ ଅନୁଷ୍ଠାନ ସ୍ପିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଅଭିନୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

କେନ୍ଦୁଝର ଜିଲ୍ଲା ଅଡିଟୋରିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହା ମଧ୍ୟଯ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଶାଖା କେନ୍ଦୁଝରରେ ପ୍ରତିଷ୍ଠା ହେବ ଏବଂ ଏହାର ସମସ୍ତ ଆନୁସଙ୍ଗିକ ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ କରିବେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ କହିଥିଲେଯେ, ନାଟକ ଆମ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଏହା କେବଳ ମନୋରଞ୍ଜନ କରେ ନାହିଁ ବରଂ ଶିକ୍ଷା ମଧ୍ୟ ଦିଏ। ଏହା ପ୍ରଶ୍ନ ପଚାରେ, ସଚେତନତା ବାଣ୍ଟେ ଆଉ ଦର୍ଶକଙ୍କୁ ଭାବ ସହିତ ସମାଜର ଭାବକୁ ଯୋଡ଼ିଥାଏ। ନାଟକ ମାଧ୍ୟମରେ, ଆମେ ସହାନୁଭୂତି, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ଆତ୍ମ-ପ୍ରକାଶ ଶିଖୁ ବୋଲି ସେ କହିଥିଲେ।

ସେ କହିଥିଲେଯେ , ଜାତୀୟ ନାଟ୍ୟ ବିଦ୍ୟାଳୟ ଭାରତୀୟ ନାଟ୍ୟଶାଳାକୁ ଗଠନ କରିବାରେ ଏବଂ କଳାକାରମାନଙ୍କୁ ପିଢ଼ି ପରେ ପିଢି ଅଭିନୟ କଳା ସହିତ ଯୋଡି ରଖିବାରେ ଏକ ଐତିହାସିକ ଭୂମିକା ଗ୍ରହଣ କରିଛି। କେନ୍ଦୁଝର ପ୍ରକୃତି, ପରମ୍ପରା ଏବଂ ସାଂସ୍କୃତିକ ଐତିହ୍ୟରେ ସମୃଦ୍ଧ ଭୂମି। ଲୋକ ସଙ୍ଗୀତ ଏବଂ ନୃତ୍ୟଠାରୁ କାହାଣୀ କହିବା ଏବଂ ରୀତିନୀତି ପର୍ଯ୍ୟନ୍ତ, ଏହି ଜିଲ୍ଲା ଏକ ଗଭୀର ସାଂସ୍କୃତିକ ଐତିହ୍ୟ ବହନ କରେ। ଯେତେବେଳେ ଏନଏସଡି ଭଳି ଜାତୀୟ ପ୍ରତିଷ୍ଠାନ କେନ୍ଦୁଝର ଭଳି ଜିଲ୍ଲାକୁ ଆସନ୍ତି, ସେମାନେ ପାରମ୍ପରିକ ଏବଂ ଆଧୁନିକ କଳା ମଧ୍ୟରେ ସେତୁ ସ୍ଥାପନ କରିବାରେ ସାହାଯ୍ୟ କରନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କଳାକୁ ଏବଂ କଳାକାରକୁ ଉଚିତ ସମ୍ମାନ ଦେଖାଇ ଆମ ସରକାର କଳାକାରମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି। କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଯୁବ ପ୍ରତିଭାକୁ ସମର୍ଥନ କରିବା, ପାରମ୍ପରିକ ରୂପ ସଂରକ୍ଷଣ କରିବା, ଏବଂ ସୃଜନଶୀଳ ପ୍ରକାଶନ ପାଇଁ ନୂତନ ପ୍ଲାଟଫର୍ମ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ଆମେ ଚାହୁଁଛୁ ଯେ ଆମର ଯୁବପିଢ଼ି ବଡ଼ ସ୍ୱପ୍ନ ଦେଖୁ, କିନ୍ତୁ ସେମାନଙ୍କର ମୂଳ ସହିତ ଜଡିତ ରୁହନ୍ତୁ ବୋଲି ସେ କହିଥିଲେ।

୧୮ରେ ଆସିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର: ୧୩।୧(ନି.ପ୍ର): ସୁଭଦ୍ରା ଯୋଜନାକୁ ନେଇ ଏକ ବଡ ଖବର ସାମ୍ନାକୁ ଆସିଛି। ଆସନ୍ତା ୧୮ ତାରିଖ ଭିତରେ ମିଳିବ ସୁଭଦ୍ରା ଟଙ୍କା। ଏନେଇ ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ମନ୍ତ୍ରୀଙ୍କ କହିବାନୁଯାୟୀ, ଏଯାବତ ସୁଭଦ୍ରା ଯୋଜନାରେ ମୋଟ ୪ ଲକ୍ଷ ୫୭ ହଜାର ୬୮୧ଜଣ ମହିଳା ସାମିଲ ହୋଇସାରିଛନ୍ତି। ତାଙ୍କ ଭିତରୁ ନୂଆକରି ୧ ଲକ୍ଷ ୭୮ ହଜାର ୩୯୮ ଜଣ ମହିଳାଙ୍କୁ ସାମିଲ କରାଯାଇଛି। ଯେଉଁମାନେ କି ପ୍ରଥମ ଥର ପାଇଁ ସୁଭଦ୍ରା କିସ୍ତି ପାଇବେ। ତେବେ ପ୍ରଥମ ଏବଂ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଏଥର ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ସେମାନେ ଏଥର ଏକାବେଳକେ ଦୁଇଟି କିସ୍ତିର ଟଙ୍କା ପାଇବେ। ମିଳିଥିବା ସୂଚନା ଅନୁସାରେ, ଅଭିଯୋଗ ଶୁଣାଣି ପରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରାରେ ସାମିଲ କରାଯାଇଥିବା ନେଇ ଉପ-ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ଆସନ୍ତା ଅନ୍ତର୍ଜାତୀୟ ମହିଳା ଦିବସ ମାର୍ଚ୍ଚ ୮ରେ ଚତୁର୍ଥ କିସ୍ତି ପ୍ରଦାନ କରାଯିବ।

ଅନୁଗୋଳରେ ଦୁଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଅନୁଗୋଳ,୧୩।୧(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଆଭାସି ମାଧ୍ୟମରେ ଗତକାଲି ଅନୁଗୋଳରେ ୨ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଏହି ୨ଗୋଟି ପ୍ରକଳ୍ପ ହେଉଛି ୧୫.୧୪

କୋଟି ଟଙ୍କା ବିନିମୟରେ ୮.୭୩ କି.ମି ଦୈର୍ଘ୍ୟ ବିଶିଷ୍ଟ ବଡକେରା-ମହିଧରପୁର ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢିକରଣ ବିନିମୟରେ ୧୪.୬୩ କି.ମି ଦୈର୍ଘ୍ୟ ବିଶିଷ୍ଟ ଉନ୍ନତିକରଣ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଏବଂ ୧୩.୪୭ କୋଟି ଟଙ୍କା ଅନୁଗୋଳ-କଳମଛୁଇଁ ରାସ୍ତାର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ

ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ଶୀତବସ୍ତ୍ର ବଣ୍ଟନ

ବଲାଙ୍ଗିର, **୧୩।୧:(ମନ୍ଥନ)**ଅଖିଳ ଓଡିଶା ବ୍ରାହ୍ମଣ ମହାସଭା, ଭୁବନେଶ୍ୱର ଦ୍ୱାରା ଅନୁଷ୍ଠିତ ଜିଲ୍ଲା ବ୍ରାହ୍ମଣ ମହାସଭାର ଗୃହିତ ପ୍ରସ୍ତାବ ଓ ନିଷ୍ପତ୍ତି ଅନୁଯାୟୀ ସଂପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ ଏବଂ ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠୀଙ୍କ ସଂଯୋଜନା ଓ ଆହ୍ୱାନ କ୍ରମେ, ଉପଦେଷ୍ଟ ଶିବ ଶଙ୍କର ଖୁଆସ, ରାଜେନ୍ଦ୍ର ମିଶ୍ର, ସଂକୀର୍ତ୍ତନ ତ୍ରିପାଠୀ, ଜଗଦୀଶ ନାଥ, ଗିରିଶ ଚନ୍ଦ୍ର ପଣ୍ଡା, ରାକେଶ ପଣ୍ଡା, ସୁରେଶ ମିଶ୍ର, ବିଭୁ ତ୍ରିପାଠୀ ଇତ୍ୟାଦିଙ୍କ ଉପସ୍ଥିତି ଏବଂ ସହଯୋଗ ରେ ସହରାଂଚଳ ରାସ୍ତା କଡରେ ମନ୍ଦିର, ରେଲୱେ ଷ୍ଟେସନ, ବସ ଷ୍ଟେଣ୍ଡ ଇତ୍ୟାଦି ଠାରେ ଆଶ୍ରୟ ନେଉଥିବା ଅସହାୟ ଦରିଦ୍ର ଗରିବ ଭୀକାରୀମାନଙ୍କୁ ଶୀତବସ୍ତ୍ର (କମ୍ବଳ) ବ୍ରାହ୍ମଣ ମହାସଭା ତରଫରୁ ବଣ୍ଟନ କରାଯାଇଅଛି । ଏପରି ସାମାଜିକ କାର୍ଯ୍ୟକ୍ରମକୁ ବ୍ରାହ୍ମଣ ମହାସଭା ତଥା ସର୍ବ ସାଧାରଣଙ୍କ ତରଫରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା

ବଲାଙ୍ଗିର, **୧୩।୧:(ମନ୍ଥନ)**ସ୍ଥାନୀୟ ଗାନ୍ଧି ଷ୍ଟାଡିୟମ ଠାରେ ଥିବା ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଅଲ ଇଣ୍ଡିଆ ସେଇସିନ୍‌କାଇ ଶିଟୋର୍ୟୁ କରାଟେ ଫେଡେରେସନ ଦ୍ୱାରା ସ୍ୱୀକୃତ ପ୍ରାପ୍ତ କରାଟେ ସ୍କୁଲର ୧୯ଜଣ କରାଟେ ପରୀକ୍ଷାର୍ଥୀ ସ୍କୁଲର ସଂପାଦକ ହୃଦୟ ଶବର ଙ୍କ ତତ୍ତ୍ୱାବଧାନରେ ଶୁଭ୍ର ନୀଳ ଦଲାଇ, ରୁଦ୍ରାଶଂ ସିଂ, ଶିବାଙ୍ଗିନୀ ଗୁରୁ ଓ ଲିପୁନ ସାହୁ ଯେଲୋ ବେଲ୍ଟ । ହିତେଶ ପ୍ରିୟଦର୍ଶୀ ବେହେରା, ଅଭିନନ୍ଦନ ସ୍ୱାମୀ, ଶ୍ୟାମାରାନୀ ଖୁଆସ ଓ ଆଶିର୍ବାଦ ଦାସ ଓରେଞ୍ଜ ବେଲ୍ଟ । ଅଦ୍ୱିକ ଶତପଥୀ, ଇଭାନ ପ୍ରଧାନ, ପ୍ରତିଷ୍ଠାରାଣୀ ପୁଟା, ଶ୍ରୀୟା ସାହୁ, ଚନ୍ଦନ ବାଗ, ଅଂଶୁମାନ ଧରୁଆ, ଶ୍ରୀୟାଂସି ମେହେର ଓ ଯଶବନ୍ତ କୁମ୍ଭାର ଗ୍ରୀନ ବେଲ୍ଟ । ଏହି ପରି ଆରଧ୍ୟା ଦିବ୍ୟାରାଣୀ ସାହୁ, କାବ୍ୟାରାଣୀ ହଂସ ଓ ଜସମିନ ସାହୁ ପରପଲ ବେଲ୍ଟ ପରୀକ୍ଷାରେ ଉତ୍ତିନ୍ନ ହୋଇଛନ୍ତି । ମୁଖ୍ୟ ଅତିଥି ବଲାଙ୍ଗିର କରାଟେ ସ୍କୁଲର ସଭାପତି ସଚିଦାନନ୍ଦ ବାଗ, ଅତିଥି ସ୍କୁଲର କୋଷାଧ୍ୟକ୍ଷ ରବି ବେହେରା ଓ ବଲାଡଂଗିର ଜିଲ୍ଲା କରାଟେ ସଂଘର ମୁଖ୍ୟ ପରାମର୍ଶଦାତା ମାନୁଏଲ ନାଗ ଉପସ୍ଥିତ ହୋଇ ପରୀକ୍ଷାର୍ଥୀ ଙ୍କୁ ବେଲ୍ଟ ପ୍ରଦାନ କରିଥିଲେ । କରାଟେ ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ, ରେଖା ମନହିରା, ପୁରୁଷୋତ୍ତମ ବାଗ, ବିନୋଦିନୀ ଠେଲା, ଆୟୁଶ ମେହେର ଓ ଲୋକେଶ ବାଗ ପରୀକ୍ଷା କେନ୍ଦ୍ରକୁ ପରିଚାଳିତ କରିବାରେ ସହଯୋଗ କରିଥିବା ବେଳେ ଶେଷରେ ସ୍କୁଲର ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

ମନରେଗା ନାମ ପରିବର୍ତ୍ତନ ପ୍ରତିବାଦରେ ପୁରୀ କଂଗ୍ରେସର ଗଣଧାରଣା

ପୁରୀ, ୧୩।୧:(ମନ୍ଥନ)ପୁରୀ ସ୍ଥାନୀୟ ଗାନ୍ଧୀ ଘାଟ, ପୁରୀ ରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନର ନାମ ପରିବର୍ତ୍ତନ ଏବଂ ଆଇନର ମୁଳ ଉଦ୍ଦେଶ୍ୟ ରେ ପରିବର୍ତ୍ତନ କରିବା ପ୍ରତିବାଦରେ ଜିଲ୍ଲା କଂଗ୍ରେସ ସଭାପତି ଇଂ ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ପିସିସି ସଂପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ପୂର୍ବତନ ଜିଲ୍ଲା ସଭାପତି ଶରତ ରଥ, ପୁଷ୍କର ମହାପାତ୍ର, ସେବା ଦଳ ଜିଲ୍ଲା ପ୍ରମୁଖ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଜିଲ୍ଲା ଆଇନ ସେଲ ସଭାପତି କାଳୀପ୍ରସାଦ ନାୟକ, ପିସିସି ପୂର୍ବତନ ସଂପାଦକ ବିଶ୍ୱନାଥ ଦାଶ, ବଦ୍ୟୁତଲତା ଆଚାର୍ଯ୍ୟ, ସୁକାନ୍ତ କୁମାର ପ୍ରଧାନ, ପୂର୍ବତନ ୱାର୍ଡ ମେମ୍ବର ସଦାକାନ୍ତ ମହାନ୍ତ, ବିଭୁଦତ୍ତ ମିଶ୍ର, ଆଶୁତୋଷ ମିଶ୍ର, ଅର୍ଜୁନ ସାହୁ, ଉମାକାନ୍ତ ବେହେରା, କୃଷ୍ଣଚନ୍ଦ୍ର ଦାଶ, ପ୍ରକାଶ ପ୍ରଧାନ, ମନୋଜ ମହାପାତ୍ର, ଦୁର୍ଗାପ୍ରସାଦ ସାମନ୍ତରାୟ, ଜିବେଶ ଚନ୍ଦ୍ର ରଥ, ସୌମ୍ୟକାନ୍ତ ପ୍ରଧାନ, ରଂଜନ ସାହୁ, ସୁରେନ୍ଦ୍ର ପାଇକରାୟ, ପ୍ରମୁଖ ଉପସ୍ଥିତ ଥିଲେ ।

ଶିକାଛିଡା ପଂଚାୟତର ପ୍ରତାପପୁର ଓ ଖଇସବାହାଲି ରେ ଲୋକଙ୍କ ସମସ୍ୟା ଶୁଣିଲେ ନରସିଂହ

ବଲାଙ୍ଗିର, **୧୩।୧:(ମନ୍ଥନ)** ଡିସେମ୍ବର ମାସ ପ୍ରଥମ ସପ୍ତାହରୁ ଧାନ କିଣିବା ପାଇଁ ଧାର୍ଯ୍ୟ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ଶିକାଛିଡା ପଂଚାୟତର ଅଧିକାଂଶ ଚାଷୀ ଧାନ ବିକି ପାରି ନାହାନ୍ତି ।ଯାହା କିଛି ବିକିଛନ୍ତି କଟନି ଛଟନି ତଥା ଧାନ କିଣା ବିଳମ୍ବ ଯୋଗୁଁ ଧାନର ଓଜନ କମିଯାଉଥିବାରୁ ଚାଷୀ ଆର୍ଥିକ କ୍ଷତି ସହୁଛନ୍ତି । ତେଣୁ ସରକାର ଓ ବିଭାଗ ଚାଷୀ ସହୁଥିବା କ୍ଷତି ତଥା ଧାନକିଣା ଓ ଟୋକନ ସମସ୍ୟା କୁ ନେଇ ଚାଷୀ ମନରେ ସୃଷ୍ଟି ହୋଇଥିବା ଅସନ୍ତୋଷକୁ ସମ୍ବେଦନଶୀଳତା ସହ ଗ୍ରହଣ କରି ଚାଷୀ ଭୋଗୁଥିବା ଆର୍ଥିକ କ୍ଷୟକ୍ଷତିକୁ ଭରଣା କରିବାର ପଦକ୍ଷେପ ନେଉ ଏବଂ କଟନି ଛଟନି ରେ ଜଡିତ ମଣ୍ଡି ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁ ବୋଲି ଆଜି ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଶିକାଛିଡା ପଂଚାୟତର ଖଇସବାହାଲି ଓ ପ୍ରତାପପୁର ଠାରେ ଲୋକଙ୍କ ସହ ଆଲୋଚନା କରି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ କହିଛନ୍ତି । ଏହି ମର୍ମରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ନିର୍ଦ୍ଧାରିତ

ଧାନକିଣା ତାରିଖରୁ ଆଜିକୁ ଦେଖିଲେ ପାଖାପାଖି ଦେଢମାସ ହୋଇଯିବ । ଏ ପର୍ଯ୍ୟନ୍ତ ଚାଷୀ ତା ନିଜ ଧାନ ବିକି ପାରିନାହିଁ ଫଳରେ ଧାନର ଆଦ୍ରତା କମି ଓଜନ ମଧ୍ୟ କମିଯିବ । ଫଳରେ ଚାଷୀ ଘୋର ଆର୍ଥିକ କ୍ଷତି ସହିବ । ଏଣୁ ଏ ସବୁର ଭରଣା ସରକାର କରୁ ବୋଲି ଶ୍ରୀ ମିଶ୍ର କହିଥିଲେ । ଆଲୋଚନା ବେଳେ ଲୋକେ ପିଇବା ପାଣିରେ ଫ୍ଲୋରାଇଡର ମାତ୍ର ଅତ୍ୟାଧିକ ଥିବାରୁ ଏ ଅଂଚଳର ଅଧିକାଂଶ ଲୋକେ କିଡନି ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେଣୁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ସମସ୍ୟା ଗମ୍ଭିରତା ବୁଝି ଚିକିତ୍ସା ସୁବିଧା ଯୋଗାଇବା ସହ ପାନୀୟ ଜଳରେ ଯେପରି ଫ୍ଲୋରାଇଡ ପରିମାଣ କମିବ ସେ ଦିଗରେ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥା ତୁରନ୍ତ ପଦକ୍ଷେପ ନେବା ଉଚିତ ବୋଲି ଶ୍ରୀ ମିଶ୍ର କହିଥିଲେ । ବଲାଙ୍ଗିର ସଦର ବ୍ଲକ ର ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରିୟା ପ୍ରୀତି ତୋଷଣ ଚାଲିଛି ବୋଲି ଲୋକେ ଅଭିଯୋଗ କରିଥିଲେ । ଅଧିକାରୀ, ନିର୍ବାଚିତ ପ୍ରତିନିଧି ବ୍ଲକର ପ୍ରତ୍ୟେକ ଉନ୍ନୟନମୂଳକ କାମରେ ଦୁର୍ନୀକୁ ପ୍ରସୋହନ ଦେଉଛନ୍ତି । ଏପରି କି ଏହି ବ୍ଲକ ଅନ୍ତର୍ଗତ ସଦାଇପାଲି ଅଂଚଳରେ ଏକ ରାସ୍ତା କାମ ନ ହୋଇ ତାର ସମ୍ପୂର୍ଣ୍ଣ ଅନୁଦାନ ହଡପ ହୋଇଯିବାର ଅଭିଯୋଗ କୁ ନେଇ ଗ୍ରାମବାସୀ ଭିଜିଲେନ୍ସ ର ଦ୍ୱାରସ୍ଥ ହୋଇଛନ୍ତି । ବହୁ ଶିଘ୍ର ଏହି ଦୁର୍ନୀତିକୁ ନେଇ ତଦନ୍ତ ଆରମ୍ଭ ହେବ ବୋଲି ଶୁଣାଯାଏ । ଆହୁରି ମଧ୍ୟ ଏହି ବ୍ଲକରେ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଛି । ଏହି ଯୋଜନା ମାଧ୍ୟମରେ ନିର୍ମାଣ ହୋଇଥିବା ପାଇଖାନା ଅତି ନିମ୍ନ ମାନର ତାର ବ୍ୟବହାର ପାଇଁ ପାଣିର ସୁବିଧା ନାହିଁ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ସବୁ ସମସ୍ୟାକୁ ନେଇ ଆଗାମୀ ଦିନରେ ବିଭାଗୀୟ ଅଧିକାରୀ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଯଦି ଏଥିରେ ସମାଧାନର ବାଟ ନ ବାହାରିବ ତେବେ ଲୋକେ ନିଶ୍ଚିତ ଭାବରେ ଆନ୍ଦୋଳନ ମୁହାଁ ହେବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଆଜିର ଏହି ଆଲୋଚନା ବେଳେ କଂଗ୍ରେସ ନେତା ରାମ ମିଶ୍ର, ସ୍ୱଦେଶ ପଟ୍ଟନାୟକ, ଲିଙ୍ଗରାଜ ପୁଟେଲ, କୃଷ୍ଣଚନ୍ଦ୍ର ପଟେଲ, ମେଘନାଦ ଭୋଇ, ବିଭିଷଣ ପ୍ରଧାନ, ମନୋଜ ବିଶ୍ୱାଲ, ଦ୍ୱାରୁ କରନ, ପ୍ରଦ୍ୟୁମ୍ନ ପଟେଲ, ଚିନ୍ତାମଣି ଭୋଇ ପ୍ରମୁଖ ସାମିଲ ଥିଲେ ।

କ୍ରୀଡା ଛାତ୍ରାବାସରେ ଜାତୀୟ ଯୁବ ଦିବସ ପାଳିତ

ପୁରୀ, **୧୩।୧:(ମନ୍ଥନ)**ପ୍ରତ୍ୟେକ ବର୍ଷ ଜାନୁଆରୀ ୧୨ ତାରିଖ କୁ ଦେଶ ପାଳନ କରିଥାଏ ଜାତୀୟ ଯୁବ ଦିବସ । ଯୁବ ଶକ୍ତି ର ପ୍ରତୀକ ସ୍ୱାମୀ ବିବେକାନନ୍ଦ ଙ୍କୁ ସ୍ମରଣ ଓ ତାଙ୍କ ଆଦର୍ଶ ସମ୍ପର୍କରେ ସ୍ମୃତି ଚାରଣ କରି ଆଜି ପୂର୍ବାହ୍ନରେ ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମସ୍ଥିତ କ୍ରୀଡା ଛାତ୍ରାବାସରେ ପାଳିତ ହୋଇଥିଲା ଜାତୀୟ ଯୁବ ଦିବସ । ଏଥିରେ ଯୋଗ ଦେଇ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସ୍ୱାମୀ ବିବେକାନନ୍ଦ ଜଣେ ଦୃଢ଼ମନା, ଶୃଙ୍ଖଳିତ ଜୀବନ ଚର୍ଯ୍ୟା,ଆଦର୍ଶ ଓ ଚରିତ୍ରବାନ ବ୍ୟକ୍ତି ଭାବେ ବିଶ୍ୱ ରେ ପରିଚିତ । ଯୁବବର୍ଗ ବିବେକାନନ୍ଦ ଙ୍କ ଜୀବନ ରୁ ଶିକ୍ଷା ଲାଭ କରି ନିଷ୍ଠାପର ଭାବେ ନିଜ ଲକ୍ଷ୍ୟ ରେ ଆଗେଇ ସଫଳ ହେବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଏଥିରେ ଖୋ ଖୋ କୋଚ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, ଛାତ୍ରାବାସ ର କର୍ମଚାରୀ, ଅନ୍ତେବାସୀ ମାନେ ଯୋଗ ଦେଇଥିଲେ ।

ରାସ୍ତାର ଉଭୟ ପାର୍ଶ୍ୱ ରୁ ୬ଫୁଟ ଦଖଲ କରି ନିର୍ମାଣ କରିଛନ୍ତି ଲଜିଂ ଓ ହୋଟେଲ !

ପୁରୀ, **୧୩।୧:(ମନ୍ଥନ)**ରାସ୍ତା କୁ ଲଗାଇ ଘର କରିବେ, ତା ପରେ ଭାଂଗିବା ସମୟ ଆସିଲେ କହିବେ ଆମକୁ କ୍ଷତିପୂରଣ ଦିଅ । ରାସ୍ତା ସଂପ୍ରସାରଣ ହେବା ନେଇ ଉଭୟ ପାର୍ଶ୍ୱ ରୁ ୨୦ ଫୁଟ କଟିବ ସବୁ ଯାଣିଶୁଣି ମଧ୍ୟ ଆଗକୁ ଯାଗା ନ ଛାଡି ରାସ୍ତା କୁ ଲଗାଇ ଘର କରୁଛନ୍ତି । ସବୁ ସରକାରୀ ଅଧିକାରୀ ସେହି ପଟେ ଯିବା ଆସିବା କରୁଥିଲେ ମଧ୍ୟ କାହାରି ନଜର ପଡୁନି କାହିଁକି ? ଭାଂଗିବା ବେଳେ ଯେଉଁ କ୍ଷତି ପୂରଣ ଦେବେ ସେମାନଂକୁ ସରକାରୀ ଅଧିକାରୀ କଣ ତାଂକ ପକେଟ୍ ରୁ ଦେବେକି ? ତେବେ ଲୋକେ ନୂତନ ଡିଅାରି କରିବା ସମୟରେ ସେମାନଂକ ଉପରେ ରୋକ୍ ଲଗାଉନାହିଁ କାହିଁକି ? ଏହା କଣ ସେମାନଂକର

ଦାୟିତ୍ୱ ନୁଁହେକି ? ଏପଟେ ଆଉ ଏକ ଲେନ୍(ବୃନ୍ଦାବତୀ ଲେନ୍, ବାଟଲୋକନାଥ ରୋଡ୍,ବାଲିସାହି, ଫଂଜାବ୍ ନ୍ୟାସନାଲ୍ ବ୍ୟାଂକ୍ ସାମନା) ଉପରେ ଯଦି ଦେଖିବା ସରକାରୀ ରାସ୍ତା ର ଉଭୟ ପାର୍ଶ୍ୱ ରୁ ୬ଫୁଟ ଲେଖାଏଁ ଜବର ଦଖଲ କରି ନେଇ କରିଛନ୍ତି ହୋଟେଲ୍ ଓ ଲଜିଂ । କହିଲେ ମୁହଁ ଫୁଟାଣି ମାରି କହୁଛନ୍ତି ଆମେ ପ୍ରଶାସନ ଠାରୁ କିଣିଛୁ । ଏ କଥା ଦେଖି ଆଶ୍ଚର୍ଯ୍ୟ ଲାଗୁଛି ଯେ ପ୍ରଶାସନ କାଂହିକି ଜାଣି ପାରୁନାଂହି ନା ଜାଣି ନ ଜାଣିବା ଭଳି ଅଭିନୟ କରୁଛି ୟ ଏମାନେ ସମସ୍ତେ ଧନୀ ଶ୍ରେଣୀ ର ବୋଲି ପ୍ରଶାସନ ଚୁପ୍ ରହିଛି, ନ ହେଲେ ଭାଂଗି ସାରନ୍ତାଣି । ଦେଖାଯାଉ କେବେ ପ୍ରଶାସନ ର ନଜର ପଡୁଛି ।

ଜାତୀୟ ଯୁବ ଦିବସ ପାଳିତ

ବୁଗୁଡ଼ା, **୧୩।୧:(ମନ୍ଥନ)**ସ୍ଥାନୀୟ ପିପୁଲ୍ସ କଲେଜର ଜାତୀୟ ସେବା ଯୋଜନା ଓ ରାଷ୍ଟ୍ରୀୟ କଳାମଞ୍ଚର ମିଳିତ ଉଦ୍ୟମରେ ଜାତୀୟ ଯୁବ ଦିବସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପିପୁଲ୍ସ କଲେଜ ପରିସରରେ ଅଧ୍ୟକ୍ଷ ଡ. ପୁରୁଷୋତ୍ତମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ଯୁବବର୍ଗର ପ୍ରେରଣାର ଉତ୍ସ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ସମ୍ପର୍କେ ଆଲୋଚନା ସହ ସାମୁହିକ ବନ୍ଦେ ମାତରମ୍ ଗାନ ଏବଂ ଏକ ମାରାଥନ୍ ଦୌଡ ଅନୁଷ୍ଠିତ ସାଙ୍ଗକୁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଦୁତିକୃଷ୍ଣ, ଏବିଡ଼ିଓ ଧର୍ମରାଜ ପରିଡା, ଚିତ୍ରଶିଳ୍ପୀ ସ୍ଥିତଧୀ ରଥ, ନଗର ବିଜେପି ସଭାପତି କେଦାର ନାଥ ମହାରଣାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା, ରାଷ୍ଟ୍ରୀୟ କଳାମଞ୍ଚ ପରିଷଦର ସଦସ୍ୟ ବୃନ୍ଦ, ପିପୁଲ୍ସ କଲେଜର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀଗଣ ଅଂଶ ଗ୍ରହଣ କରିଥିଲେ। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ଆଚାର୍ଯ୍ୟ ପ୍ରତିନିଧି ଗୁରୁମା ସୁମତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଜାତୀୟ ଯୁବ ଦିବସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ଗୁରୁଜୀ ଓ ଗୁରୁମା ସ୍ୱ ସ୍ୱ ଅଭିଭାଷଣରେ ଯୁବବର୍ଗ ପ୍ରତି ରହିଥିବା ବିଶ୍ୱ ବିଶ୍ରୁତ ବିବେକାନନ୍ଦଙ୍କ ପ୍ରେରଣା ଦାୟକ ବାଣୀ ଗୁଡିକୁ ଉପସ୍ଥାପନ କରି ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହେବା ବିଧେୟ ବୋଲି ମତବ୍ୟକ୍ତ କରିଥିଲେ ।

ଝାରପଡା ବେଆଇନ ବାଲିଘାଟ ସମ୍ପର୍କରେ ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ

ନିଆଳୀ, **୧୩।୧:(ମନ୍ଥନ)** କଟକ ଜିଲ୍ଲା ନିଆଳି ଓ କଣ୍ଟାପଡ଼ା ତହସିଲ ଅଧିନରେ ପ୍ରଭାବିତ ଦେବୀ, କନ୍ଦଳ ଓ ଶାଖା ନଦୀ ମାନଙ୍କରେ ବେଆଇନ ବାଲିଘାଟ ହବ ପାଲଟିଛି । ଏ ସମ୍ପର୍କରେ ବାରମ୍ବାର ଖବର ପ୍ରସାରଣ ପରେ ଖବର ସତ ପ୍ରମାଣିତ ହୋଇଛି । ଆଜି କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଅଭିଯୋଗ ଚାଲିଥିବା ସମୟରେ ବେଆଇନ ବାଲିଘାଟ ଚାଲିଥିବା ନେଇ ଅଭିଯୋଗ ହୋଇଛି । ତେବେ ଗତ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟର ଜିଲ୍ଲାପାଳ ଓ ଏସପି ମାନଙ୍କୁ ବେଆଇନ ବାଲିଘାଟ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଲିଜ ନେଇଥିବା ବାଲିଘାଟ ହେଉଥିବା ବେଆଇନ କାର୍ଯ୍ୟ ସମ୍ପର୍କରେ ତଦନ୍ତ କରି କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ନିଆଳି ନିର୍ବାଚନ ମଣ୍ଡଳୀରେ ଆଇନକୁ ଆଖି ଠାର ହୋଇଛି । ଖବର ପ୍ରସାରଣ ପରେ ଲୋକମାନେ ସଚେତନତ ହୋଇଛନ୍ତି ଜିଲ୍ଲାପାଳଙ୍କ ଜନ

ଶୁଣାଣିରେ ଅଭିଯୋଗ କରିଛନ୍ତି । ତେବେ ଜିଲ୍ଲାପ୍ରଶାସନ ଓ ସ୍ଥାନୀୟ ପ୍ରଶାସନର କାର୍ଯ୍ୟ କଳାପ ଏବେ ସନ୍ଦେହ ଘେରକୁ ଆସିଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଏବେ ଅବହେଳା କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବ ତ ବୋଲି ପ୍ରଶ୍ନ କରିଛନ୍ତି ଅଭିଯୋଗ କାରୀ । କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ଦେବୀ ନଦୀର ଝାରପଡା ବ୍ରିଜ ନିକଟରେ ବେଆଇନ ବାଲିଘାଟ ସମ୍ପର୍କରେ ସ୍ଥାନୀୟ ବ୍ୟକ୍ତି ପହଲି ସେଠି ଚୋରା ବାଲି ଚାଲାଣ ସମୟରେ ଲିଖିତ ଭାବରେ ଜଣାଇଥିବା ସୂଚନା ମିଳିଛି । କଣ୍ଟାପଡ଼ା ଓ ନିଆଳି ତହସିଲ ଅଧିନରେ ବିନା ଟ୍ରାଞ୍ଜିଟ୍ ପାସରେ ନଦୀ ଗର୍ଭ ଏବଂ ନଦୀ ବନ୍ଧରେ ହାଇୱା ମାଧ୍ୟମରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ନେଇ ପ୍ରଶାସନ ପାଖରେ ଖବର ଥାଇ କାହିଁକି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ସଚେତନ ନହେଲେ ନଦୀ ବାଲି ସରିବା ସହିତ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ହେବା ସାର ହେବ । ମାଲେ ମାଲ ହେବେ ବାଲି ମାଫିଆ । ଓ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ।

ରାଜ୍ୟ ଓ ଜାତୀୟ ମୁକ୍ତ ବିଦ୍ୟାଳୟରେ ମଣ୍ଡଳ ସ୍ତରୀୟ ମେଗା ଶିବିର

ଡେଲାଙ୍ଗ, **୧୩।୧:(ମନ୍ଥନ)**୧୪ରୁ ୧୮ ବର୍ଷ ଭିତରେ ଅଧାରୁ ପାଠ ଛାଡିଥିବା କିଶୋର କିଶୋରୀମାନଙ୍କ ରାଜ୍ୟ ଓ ଜାତୀୟ ମୁକ୍ତ ବିଦ୍ୟାଳୟରେ ମାଗଣା ନାମ ଲେଖା ପାଇଁ ଡେଲାଙ୍ଗ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମେଗା ଶିବିରରେ ୫୧ ଜଣ ନାମ ଲେଖାଇଛନ୍ତି । ଏହି ଶିବିରରେ ଅତିଥି ଭାବେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେୟ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା,ସହ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ଘୋରଡିଅ । ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ,ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସଂଯୋଜକ ଶିକ୍ଷକ ଦେବାଶିଷ ପଣ୍ଡା ପ୍ରମୁଖ ଯୋଗଦେଇ ଅଭିଭାବକମାନଙ୍କୁ ୧୪ରୁ ୧୮ ବର୍ଷ ଭିତରେ ପା

ବାଇକ୍ ଦୁର୍ଘଟଣାରେ ବାପ-ପୁଅ ଆହତ, ଭାଇ-ଭଉଣୀ ଗୁରୁତର

ବୁଗୁଡା, **୧୩।୧:(ମନ୍ଥନ)** ବୁଗୁଡ଼ା ସହର ଉପକଣ୍ଠସ୍ଥ ସନ୍ତୋଷୀ ମନ୍ଦିର ନିକଟ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଝରି ଅ।ରୋହୀ ଅ।ହତ ହୋଇଥିବା ବେଳେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି । ଗୁରୁତର ଭାଇ ଓ ଭଉଣୀ ଦୁଇ ଜଣ ହେଲେ ଧନିଝ ଗ୍ରାମର ପଣ୍ଡୁ ପ୍ରଧାନ(୨୭) ଓ ସୁନିତା ଦଳେଇ(୩୪) ଏବଂ ଅ।ହତ ବାପ ଓ ପୁଅ ହେଲେ କବିସୂର୍ଯ୍ୟନଗର ଗ୍ରାମର ମନୋଜ ଦଳେଇ(୩୪) ଓ ପପୁ ଦଳେଇ(୫) । ଘଟଣାରୁ ପ୍ରକାଶ ଯେ, ସୋମବାର ଅପରାହ୍ନରେ ପଣ୍ଡୁ ତାହାର ଭଉଣୀ ସୁନିତା, ଜ୍ୱାଇଁ ମନୋଜ ଓ ଭଣଜା ପପୁକୁ ବାଇକରେ ବସାଇ ଧନିଝ ଗାଁରୁ ବୁଗୁଡା ନିକଟସ୍ଥ ଚିରିକିପଡା ଶାସନ ଗ୍ରାମକୁ ଯାଉଥିଲେ । ତେବେ ଦ୍ରୁତଗତିରେ ଯାଉଥିବା ବାଇକଟି ବୁଗୁଡାର ସନ୍ତୋଷୀ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡସ୍ଥ ଏକ ଲୁହା ଖମ୍ବକୁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ସୁନିତା ଓ ପଣ୍ଡୁଙ୍କ ମୁଣ୍ଡରେ ଗଭୀର ଅ।ଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ମନୋଜଙ୍କ ମୁଣ୍ଡ ଫାଟି ଯାଇଥିଲା ଏବଂ ପପୁ ଦୂରକୁ ଫୋପାଡି ହୋଇ ଅ।ହତ ହୋଇଥିଲା । ଏ ନେଇ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅ।ଣିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ପଣ୍ଡୁ ଓ ସୁନିତାଙ୍କୁ ୧୦୮ ଅ।ମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରିଥିବା ଜଣାଯାଇଛି ।

ଡେଲାଙ୍ଗ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ସ୍ୱାମୀଜୀଙ୍କ ଜୟନ୍ତୀ

ଡେଲାଙ୍ଗ, **୧୩।୧:(ମନ୍ଥନ)** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ଡେଲାଙ୍ଗ ବ୍ଲକର ରେଞ୍ଜସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନ, ପରିଚାଳନା ସମିତି ସଭାପତି ତ୍ରିଲୋଚନ ମହାରଣା, ସକ୍ରିୟ ସଭ୍ୟ ତଥା ସାମାଜିକ କର୍ମୀ ସୁବାସ ଚନ୍ଦ୍ର ଜେନା ପ୍ରମୁଖ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ସ୍ୱାମୀଜୀଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଅ।ରମ୍ଭ କରିଥିଲେ ।ମାତ୍ର ୩୯ ବୟସ ମଧ୍ୟରେ ସ୍ୱାମୀଜୀ ସମଗ୍ର ବିଶ୍ୱ ପାଇଁ ଅ।ଧ୍ୟାତ୍ମିକ ବାର୍ତ୍ତା ଦେଇ ଯୁବ ସମାଜର ଜାତୀୟ କର୍ତ୍ତବ୍ୟ ସମ୍ପର୍କରେ ଯେଉଁ ପରାମର୍ଶ ଦେଇଛନ୍ତି । ତାହା ଯୁଗ ଯୁଗ ଧରି ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମୁଖ୍ୟ ବକ୍ତା ସାମ୍ବାଦିକ ଶ୍ରୀ ତ୍ରିପାଠୀ ଯୋଗଦେଇ ପ୍ରକାଶ କରିଥିଲେ । ଶିକ୍ଷା କେନ୍ଦ୍ର ଛାତ୍ରୀମାନେ ସ୍ୱଗତ ସଂଗୀତ ଅ।ବୃତ୍ତି କରିଥିଲେ । ଚିତ୍ତରଞ୍ଜନ ପରିଡା ମଞ୍ଚ ସଂଯୋଜନା କରିଥିଲେ ପୂର୍ବାହ୍ନ ରେ ବିଦ୍ୟାଳୟ ପରିସରରେ ସଂସ୍ଥାପିତ ସ୍ୱାମୀ ବିବେକାନନ୍ଦ ଜୀ ଙ୍କ ଅ।ବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ରାଷ୍ଟ୍ରଗୀତ ବନ୍ଦେ ମାତରମ ସମୂହ ଗାନ କରାଯାଇଥିଲା ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ପରିଡା, ଅନସୂୟା ପଣ୍ଡା, ମିନତୀ ବାରିକଙ୍କ ତତ୍ତ୍ୱାବଧାନରେ ସ୍ୱାଦିଷ୍ଟ ଓଡ଼ିଅ। ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ପଞ୍ଚସ୍ତରୀ ଜଣ ଛାତ୍ର ଛାତ୍ରୀ ୧୨୫ ପ୍ରକାର ଖାଦ୍ୟ ପ୍ରଦର୍ଶନ କରିଥିଲେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସୁଲତା ପ୍ରଧାନ ଓ କସ୍ତୁରବା ଗ୍ରାମ ସେବା କେନ୍ଦ୍ର ସଂଚାଳିକା ତଥା ସାମାଜିକ କର୍ମୀ କବିତା ପରିଡା ପ୍ରଦର୍ଶିତ ଖାଦ୍ୟ ର ଗୁଣାତ୍ମକ ମାନ ଓ ସ୍ୱାଦ୍ୱାଦ ମୂଲ୍ୟାୟନ କରିଥିଲେ ଶିଶୁ ଓ କିଶୋର ମାନଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଅ।ଗ୍ରହ ସୃଷ୍ଟି ଲକ୍ଷ୍ୟ ନେଇ ବିଜ୍ଞାନ ପ୍ରଦର୍ଶନୀର ଅ।ୟୋଜନ କରାଯାଇଥିଲା । ଏହି ପ୍ରଦର୍ଶନୀରେ ସତୁରି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ,, କୃତି ବିଜ୍ଞାନ ଶିକ୍ଷକ ମହେଶ୍ୱର ମହାରଣା ଓ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ ଓଡ଼ିଅ। ଖାଦ୍ୟ ପ୍ରଦର୍ଶନୀ ଓ ବିଜ୍ଞାନ ପ୍ରଦର୍ଶନୀର ଶ୍ରେଷ୍ଠ, ଶ୍ରେଷ୍ଠତର ଓ ଶ୍ରେଷ୍ଠତମ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ଉତ୍ସାହିତ କରାଯାଇଥିଲା ଶିକ୍ଷୟିତ୍ରୀ ଅନିମା ମିଶ୍ର, ଚପଳା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

ବିଦ୍ୟାଳୟ ରେ ସମୂହ ବନ୍ଦେ ମାତରଂ ଗାନ

କାକଟପୁର, **୧୩।୧:(ମନ୍ଥନ)** ରାଜ୍ୟ ଶିକ୍ଷାବିଭାଗ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ବିଦ୍ୟାଳୟ ରେ ସମୂହ ଦେଶାତ୍ମବୋଧକ ସଂଗୀତ ବନ୍ଦେ ମାତରଂ ଗାନ ପାଇଁ ନିର୍ଦ୍ଦେଶ କୁ ପାଳନ କରିଛନ୍ତି ବ୍ଲକ ର ସମସ୍ତ ବିଦ୍ୟାଳୟ । ସେଥିମଧ୍ୟରେ କାକଟପୁର, ବାଙ୍ଗୁରୀଗାଁ, ଲତାହାରଣ, ଗମ୍ବାରିପଦା, ବାଲିଦୋକାନ, ଓଥକା, ଗୋପିକାନ୍ତ ପୁର, ଅ।ଦି ସ୍କୁଲ ମାନଙ୍କରେ ସମୂହ ବନ୍ଦେ ମାତରଂ ଗାନ କରାଯାଇଛି । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଦେଶାତ୍ମବୋଧତା, ଜାତିର ମହା ମନୀଷୀ ମାନଙ୍କ ବଳିଦାନ କୁ ସ୍ମୃତି ପଟରେ ଉଦ୍ଜୀବିତ କରିବାପାଇଁ ଏହି ପ୍ରୟାସ କୁ ସାଧାରଣରେ ଭୁୟସୀ ପ୍ରଶଂସା କରାଯାଇଛି । ଏହି ସମୂହ ବନ୍ଦେମାତରଂ ଗାନ କାକଟପୁର ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ ମହା ଅ।ଡମ୍ବର ରେ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା । ଏଥିରେ ସମସ୍ତ ଛାତ୍ର ଛାତ୍ରୀ ଙ୍କ ସହିତ ଶିକ୍ଷକ, ଶିକ୍ଷୟିତ୍ରୀ, ସମୂହ ଗାନ କରିବା ସହିତ ଶିକ୍ଷାର୍ଥୀ ମାନଙ୍କ ଅଭିନୟ ମାଧ୍ୟମରେ ପରିପ୍ରକାଶ କୁ ସାଧାରଣ ରେ ବେଶୁ ଅ।ଦୃତ ହୋଇଥିଲା ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାମୂହିକ ବନ୍ଦେ ମାତରଂ ଗାନ

ଅନୁଗୋଳ, **୧୩।୧:(ମନ୍ଥନ)** ସ୍ଥାନୀୟ ଗାନ୍ଧିମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅନୁଗୋଳ ଠାରେ ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଗାନ ଅନୁଷ୍ଠିତ ହୋଇଯାଇଛି । ବନ୍ଦେ ମାତରଂ ସଙ୍ଗୀତର ୧୫୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଅ।ଚାର୍ଯ୍ୟ ଆଲୋକ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟ

ପରିଚାଳନା ସମିତି ସଂପାଦକ ଅ।ଶୋକ କୁମାର ମୋଦୀ, ବୁଦ୍ଧିଜୀବୀ, ଗୁରୁଜୀ , ଗୁରୁମା ଓ ତୃତୀୟ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୫୦୦ ଜଣ ଛାତ୍ର ଛାତ୍ରୀ ବନ୍ଦେ ମାତରଂ ଗାନ କରିଥିଲେ । ଅ।ଜି ଶ୍ରୀରାମଙ୍କ ସ୍ୱର୍ଣ୍ଣ ଧନୁଷକୁ ବିଦ୍ୟାଳୟରେ ସ୍ୱାଗତ କରିବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ମଧ୍ୟ ପାଳିତ ହୋଇଯାଇଛି ।

କାକଟପୁର ବ୍ଲକରେ ଜନଶୁଣାଣି ଶିବିର ଅନୁଷ୍ଠିତ

କାକଟପୁର, **୧୩।୧:(ମନ୍ଥନ)** ପୁରୀ ଜିଲ୍ଲା କାକଟପୁର ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଙ୍କ ଅଧ୍ୟକ୍ଷତା ରେ ପରିଚାଳିତ ଶିବିରରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗପ୍ରକୋଷ୍ଠ ଅଧିକାରୀ ଶ୍ରୀଯୁକ୍ତ ବିବେକାନନ୍ଦ ସାହୁ, ଜିଲ୍ଲା ଅତିରିକ୍ତ ଅ।ରକ୍ଷୀ ଅଧିକାରୀ ସଚିନ ପଟେଲ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ତହସିଲଦାର ଅଙ୍କିତା ଅନିନ୍ଦିତା, ବିଡ଼ିଓ ନାରାୟଣ ଦୀକ୍ଷିତି, ତଥା ଶିକ୍ଷା, ଯୋଗାଣ ବିଭାଗ, ମଙ୍ଗଳ ବିଭାଗ, ସମାଜ କଲ୍ୟାଣ ବିଭାଗ, ଜଳ ଓ ପରିମଳ, ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, କୃଷି, ଜଙ୍ଗଲ, ବିଦ୍ୟୁତ, ଜଳସେଚନ, ପଶୁ ସମ୍ପଦ, ଶ୍ରମ, ମତ୍ସ୍ୟ ସଂରକ୍ଷଣ ଅ।ଦି ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ ।ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ଅ।ଇନର ପରିସରରେ ସାଧାରଣ ଲୋକଙ୍କର ସମସ୍ୟାର ସମାଧାନ ସମ୍ପୂର୍ଣ୍ଣ କରିବା ହେଉଛି ଅଭିଯୋଗ ଶୁଣାଣୀ ଶିବିର ଅ।ଭିମୁଖ୍ୟ । କିନ୍ତୁ କାକଟପୁର ବ୍ଲକ ଅଞ୍ଚଳ ରେ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ସାଧାରଣ ଲୋକ ଙ୍କ ସମସ୍ୟା ଦୂର ନ କରିବାରୁ ଅ।ଶା ଓ ଭରସା ରେ ସୋମବାର ଅନୁଷ୍ଠିତ ଜିଲ୍ଲାପାଳ ଙ୍କ ଜନ ଶୁଣାଣୀ ଶିବିର ରେ ପ୍ରବଳ ମାତ୍ରା ଭିଡ଼ ସ୍ପଷ୍ଟ ବାରି ହୋଇଥିଲା । କିନ୍ତୁ ଅଭିଯୋଗ ଜନ ଶୁଣାଣୀ ଶିବିରଟି ବିଳମ୍ବ ରେ ଅ।ରମ୍ଭ ହୋଇଥିବା ବେଳେ ସାଧାରଣ ଲୋକ ଓ ଉପସ୍ଥିତ ଅଧିକାରୀ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିର ମିଳିତ ଜନଶୁଣାଣୀ ଶିବିରରେ ପୁରୀ ଜିଲ୍ଲାପାଳ ଅନୁପସ୍ଥିତ ରହିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅଧିକାରୀ ଭାବେ ଯୋଗ ଦେଇଥିଲେ । ଅଭିଯୋଗ ପ୍ରକୋଷ୍ଠ ରେ ସମୁଦାୟ ୧୧୩ଗୋଟି ଅଭିଯୋଗ ଅ।ସିଥିବା ବେଳେ ସେଥିମଧ୍ୟରୁ ଅନେକ ବ୍ୟକ୍ତିଗତ ଅଭିଯୋଗ ଓ ଅନେକ ସମୂହ ଅଭିଯୋଗ ଥିଲା । ଉପସ୍ଥିତ ଅଧିକାରୀ ୧୧ଟି ଅଭିଯୋଗ ସମାଧାନ ସଙ୍ଗେ ସଙ୍ଗେ କରିଥିଲେ । ଅଭିଯୋଗ ଶୁଣାଣୀ ରେ ଅ।ବାସ ଯୋଜନା, ଭିନ୍ନକ୍ଷମ କୁ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁଁ ଅନ୍ତ୍ୟୋଦୟ ଗୃହ ରୁ ବଂଚିତ କରିବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ବିଭିନ୍ନ କାର୍ଯ୍ୟର ବିଲ ପୈଠ ସମ୍ବନ୍ଧୀୟ ସହ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ରେ ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଅ।ଯାଇଥିଲା ।ଏହି ଶିବିର ରେ ଜିଲ୍ଲାସ୍ତରୀୟ ସହ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

ବାହାଡ଼ାଝୋଲା ପ୍ରାଥମିକ କୃଷି ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି

ନୂଆଗାଁ, **୧୩।୧:(ମନ୍ଥନ)** ନୟାଗଡ଼ ଜିଲ୍ଲା ନୂଅ।ଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲା ପ୍ରାଥମିକ କୃଷି ସେବା ସମବାୟ ସମିତି ରେ ଅ।ଜି ଚାଷୀ ଙ୍କ ଠାରୁ ଧାନ କ୍ରୟ ପାଇଁ ଖୋଲିଲା ମଣ୍ଡି । ଧାନ ମଣ୍ଡି ପୂଜା ହେଲା । ସୁଚନା ମୁତାବକ ନୂଅ।ଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲା କୃଷି ସେବା ସମବାୟ ସମିତି ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା ଭିତରେ ଗତି କରୁଥିଲା ।ଯାହାଫଳରେ ସମିତି ପରିଚାଳନା ପରିଷଦ ଓ ସମିତିର ପଞ୍ଜୀକୃତ ଚାଷୀ ମାନେ ବାହାଡ଼ାଝୋଲା ସେବା ସମବାୟ ସମିତି ସମ୍ମୁଖରେ ତାଲା ବନ୍ଧ ଅ।ନ୍ଦୋଳନ ଜାରି ରଖିଥିଲେ । ପରିଚାଳନା କମିଟି ଓ ଚାଷୀଙ୍କ ଦାବି କ୍ରମେ, ସମବାୟ ବିଭାଗ ପକ୍ଷରୁ କିଛିଦିନ ତଳେ ବାହାଡ଼ାଝୋଲା କୃଷି ସମବାୟ ସମିତି ରେ ନୂତନ ସମ୍ପାଦକ ଯୋଗ ଦେବାପରେ, ଚାଷୀ ଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପରିଚାଳନା ପରିଷଦର ବୈଠକ ବସି ,ବୈଠକ ରେ ନିଷ୍ପତ୍ତି ଅନୁସାରେ ଅ।ଜି ,ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ଖୋଲିଲା ମଣ୍ଡି । ବିଧିବଦ୍ଧ ଭାବେ ବାହାଡ଼ାଝୋଲା ନିୟନ୍ତ୍ରିତ ବଜାର କମିଟି ପରିସରରେ ଧାନ ଓଜନ ପାଇଁ କଣ୍ଟା ପୂଜା କରାଯାଇ ଧାନ ମଣ୍ଡି ର ଶୁଭାରମ୍ଭ କରାଯାଇଛି । ବାହାଡ଼ାଝୋଲା କୃଷି ସେବା ସମବାୟ ସମିତି ର ଧାନ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ସମିତିର ସଭାପତି ସୂର୍ଯ୍ୟ ନାରାୟଣ ସାହୁ ଉପସ୍ଥିତ ରହି ନଡ଼ିଅ। ବାଡେଇ ଫିତା କାଟି ମଣ୍ଡି ର ଶୁଭଉଦ୍‌ଘାଟନ କରିଥିଲେ । ଏଥିରେ ସମିତିର ସମ୍ପାଦକ ଅ।ଶୁତୋଷ ସାହୁ, ସମିତି ପରିଚାଳନା ପରିଷଦ ର ସଦସ୍ୟ, ସଦସ୍ୟା ଙ୍କ ସମେତ ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ଶିବରାମ ସାମନ୍ତରାୟ, ଗାଁ ସଭାପତି ନକୁଳ ସାହୁ, ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ସାହୁ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାମିଲ ଥିବା ବେଳ ଶତାଧିକ ସହିତ ଚାଷୀ ଉପସ୍ଥିତ ଥିଲେ ।

ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ କୁ ରାଜ୍ୟ କାର୍ଯ୍ୟକଳ୍ପ ନିରୀକ୍ଷଣ ଟିମ୍‌ର ପରିଦର୍ଶନ

ଛତ୍ରପୁର, ୧୩।୧:(ମନ୍ଥନ) ରାଜ୍ୟର ୩ ଜଣିଆ। କାର୍ଯ୍ୟକଳ୍ପ ନିରୀକ୍ଷଣ ଟିମ ସୋମବାର ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ଏହାର ଭିତ୍ତିଭୂମିର ତଦାରଖ କରିଛନ୍ତି । ଏହା ସହ ବିଭିନ୍ନ ବିଭାଗକୁ ବୁଲି ଦେଖିଥିଲେ । କର୍ମଚାରୀ ଙ୍କ ଅଭିଜ୍ଞତା ଏବଂ କାର୍ଯ୍ୟ ଶୈଳ କୁ ପରଖିଥିଲେ । ପରିଷ୍କାର ପରିଚ୍ଛନ୍ନତା, ଓଟି, ଲେବର ରୁମ, ଅ।ଉଟ ଡୋର, ଇନ ଡୋର, କାଜ୍ୟୁଲଟି ରେ ରୋଗୀଙ୍କୁ ଉଚ୍ଚି ସେବା ପ୍ରଦାନ କରାଯାଉଛି କି ନାହିଁ ତାହାର ଅନୁଧ୍ୟାନ କରିଛନ୍ତି

। ବିଶେଷ କରି ହଠାତ ନିଅ।ଁ ଲାଗିଲେ କିପରି ଅ।ୟତ୍ତ କରାଯିବ ତାହାର ଡେମୋ ମଧ୍ୟ ଦେଖିଥିଲେ । ଏହି ଟିମ ବି ଡବ୍ଲୁ ଏମ, ବର୍ଷାଜଳ ସଂରକ୍ଷଣ ର ବ୍ୟବସ୍ଥା, ମେ ଅ।ଇ ହେଲପ ଡେସ୍କ, ଔଷଧ ବିତରଣ କେନ୍ଦ୍ର, ମିଶନ ଶକ୍ତି କାଫେ ଏବଂ କିଚେନ ରୁମ ଅ।ଦି ବିଭିନ୍ନ ଅଂଚଳ ବୁଲି ଦେଖିଛନ୍ତି । ୩ ଜଣିଆ। ଟିମ୍ ରେ ଏଡିପି ଏଣ୍ଡ ଆଇଡି ଓଡିଶା ଡାକ୍ତର ଅଞ୍ଜନା ପଣ୍ଡା, ବିଭୁଦା ବିଜୟ ଲକ୍ଷ୍ମୀ ଓପ୍ରଜନା ଚୌଧୁରୀ ରହିଥିଲେ । ଜିଲ୍ଲାସ୍ତର ରୁ ମାତୃ ଶିଶୁ ସ୍ୱାସ୍ଥ୍ୟ ସଂଯୋଜକ ପ୍ରଶାନ୍ତ ବରାଳ ଙ୍କ ସହ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ର ଅଧିକ୍ଷକ ଡାକ୍ତର ଅଲେଖ ଚନ୍ଦ୍ର ପ୍ରଧାନ, ହସ୍ପିଟାଲ ମ୍ୟାନେଜର ଗଣେଶ ନାହାକ ଙ୍କ ସମେତ ସମସ୍ତ ଡାକ୍ତର ଅନ୍ୟାନ୍ୟ ଷ୍ଟାଫ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ସମାଜସେବୀ ତଥା ବରିଷ୍ଠ ନାଗରିକ ଓ ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତିଙ୍କୁ ମା'ବିରଜା ସମ୍ମାନ

ଯାଜପୁର, **୧୩।୧:(ମନ୍ଥନ)** ଯାଜପୁରର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ମା' ଯଶୋଦା ପରିଷଦ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହଭାଗିତାରେ ରାଜ୍ୟସ୍ତରୀୟ ଶିଶିର ମହୋତ୍ସବ ଓ ଶିଶିର ସମ୍ମାନ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଗତ ୧୧ ତାରିଖରେ ଅନୁଷ୍ଠିତ ହୋଇଯାଇଅଛି । ସଂଗୀତ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଦିନେଶ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ଡଃ ତ୍ରିଲୋଚନ ବରାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ସାହିତ୍ୟିକ ନାଟ୍ୟକାର ସାର ନଟବାର ଦାସ ଯୋଗଦେଇ କଳା ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ମଧ୍ୟରେ ସମାଜସେବୀ ନାରାୟଣ ପତି ଓ ମୋହନ ଚରଣ ପଣ୍ଡା ଉପସ୍ଥିତ ଥିଲେ । ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦଶଟି ଜିଲ୍ଲାର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଭିନୟ ଏବଂ ସମାଜସେବା କ୍ଷେତ୍ରରେ ଯାଜପୁର ସପନପୁର ନିବାସୀ ବୃନ୍ଦାବନ ମିଶ୍ରଙ୍କୁ ମା'ବିରଜା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନିରାକାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।



ତୋଷାଳି ବ



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ସଂଯମ ଆବଶ୍ୟକ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ କୂଟନୀତିରେ ଛୋଟ ଛୋଟ ଦେଶକୁ କରାୟତ କରିପାରନ୍ତି, କିନ୍ତୁ ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ଏବଂ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରକୁ କରାୟତ କରିବା ସହଜ ନୁହେଁ। ଏହା ଅସମ୍ଭବ। ଆଜି ପର୍ଯ୍ୟନ୍ତ ଭାରତରେ ଯେଉଁ ଦଳର ସରକାର ଥାଉନା କାହିଁକି ଭାରତ କେବେ ଆମେରିକା ଆଗରେ ମୁଣ୍ଡ ନୁଆଁଇ ନାହିଁ ବା ଏହାର ଅନ୍ୟାୟକୁ ସମର୍ଥନ କରିନାହିଁ। ଭାରତ ସବୁ ବେଳେ ଆମେରିକାକୁ ଏକ ବନ୍ଧୁ ରାଷ୍ଟ୍ର ଭାବେ ବିବେଚନା କରିଆସିଛି। କେବେ ବି ଏହାକୁ ନିଜର ପ୍ରଭୁ ବୋଲି ସ୍ୱୀକାର କରିନି। ରାଷ୍ଟ୍ରପତି ଟ୍ରମ୍ପ ଭାରତ ଉପରେ ବିଭିନ୍ନ ପ୍ରସଙ୍ଗରେ ଚାପ ପକାଇ ଆସୁଛନ୍ତି। ପ୍ରଥମତଃ ରଷିଆରୁ ତେଲ ଆମଦାନୀ ବନ୍ଦ କରିବାକୁ ଟ୍ରମ୍ପ ଭାରତକୁ ପ୍ରବର୍ତ୍ତାଇ ବିଫଳ ହୋଇଛନ୍ତି। ଏଥିପାଇଁ ଭାରତ ଉପରେ ଅତିରିକ୍ତ ୨୫% ଟାରିଫ ଲାଗୁ କଲେ ମଧ୍ୟ ଟ୍ରମ୍ପ ନିଜ ଚାଲରେ ସଫଳ ହୋଇପାରିନାହାଁନ୍ତି। ଦ୍ୱିତୀୟରେ ।ରତ ସହ ବାଣିଜ୍ୟ ଚୁକ୍ତି କରି ଆମେରିକା ନିଜର ବଳକା କୃଷିଜାତ ସାମଗ୍ରୀ ଏବଂ ଦୁଗ୍ଧ ଜାତୀୟ ସାମଗ୍ରୀ ଭାରତକୁ ବିକ୍ରୀ କରି ଲାଭ କମାଇବାକୁ ଚାହେଁ। କିନ୍ତୁ ଏହା ଦ୍ୱାରା ଭାରତର କୃଷକମାନେ କ୍ଷତିଗ୍ରସ୍ତ ହେବେ। ତେଣୁ ଭାରତ ସରକାର ଏହି ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିକୁ ସ୍ୱୀକାର କରି ନାହାଁନ୍ତି। ଏଥିରେ ଟ୍ରମ୍ପ ଭାରତ ଉପରେ କ୍ଷୁବ୍ଧ। ନିକଟରେ ଆମେରିକାର ବାଣିଜ୍ୟ ସଚିବ କହିଛନ୍ତି ଯେ, ଭାରତର ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟକୁ ଫୋନ କଲ ନକରିବାରୁ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇପାରିଲା ନାହିଁ। ତେଣୁ ଭାରତକୁ ବାଦ ଦେଇ ଆମେରିକା ଅନ୍ୟ ଦେଶ ସହିତ ବାଣିଜ୍ୟ ଚୁକ୍ତି ଲାଗି ଆଗେଇଛି। ଏହାର ଅର୍ଥ ହେଲା ଆମେରିକା ଚାହୁଁଛି ଭାରତ ସହିତ ବାଣିଜ୍ୟ ଚୁକ୍ତି କରିବାକୁ। ଏଥିଲାଗି ଭାରତ ଟ୍ରମ୍ପଙ୍କୁ ଖୁସାମତ କରୁ ଏହା ଆମେରିକା ଚାହେଁ। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ ସେ ଆଜି ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ରାଷ୍ଟ୍ରର ସ୍ୱାର୍ଥ ଏବଂ ସ୍ୱାଭିମାନ ସହ ସାଲିସ କରିନାହାଁନ୍ତି। ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋଲ କହିଛନ୍ତି ଯେ, ୨୦୨୫ରେ ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ୮ଥର କଥା ହୋଇଛନ୍ତି। କିନ୍ତୁ କଥା ହେବା ଅର୍ଥ ନୁହେଁ ଯେ, ଟ୍ରମ୍ପଙ୍କ ସବୁ କଥାରେ ରାଜି ହୋଇଯିବା ବା ତାଙ୍କୁ ହାଁଜୀ ହାଁଜୀ କରିବା। ଗୋଏଲ କହିଛନ୍ତି ଯେ, ଭାରତ ସରକାର ଆମେରିକା ସହ ବାଣିଜ୍ୟ ଚୁକ୍ତି ଲାଗି ତରବର ନୁହଁନ୍ତି। ଦେଶବାସୀ ଭାରତ ସରକାର, ନିଜ ମାତୃଭୂମି ଉପରେ ବିଶ୍ୱାସ ରଖନ୍ତୁ, ବିଦେଶରେ କିଏ କ'ଣ କହିଲା ସେଥିପ୍ରତି ଧ୍ୟାନ ଦିଅନ୍ତୁ ନାହିଁ ବୋଲି ଗୋଏଲ ଅନୁରୋଧ କରିଛନ୍ତି। ଅନ୍ୟ ପକ୍ଷରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଗରେ ଆତ୍ମସମର୍ପଣ କରିଛନ୍ତି। ସେ ଯାହା କହୁଛନ୍ତି ତାହାହାକୁ ମାନୁଛନ୍ତି। ଟ୍ରମ୍ପ ବା ଆମେରିକା ସରକାର ଯାହା କହୁଛନ୍ତି, ଭାରତକୁ ଯେପରି ଅପମାନିତ କରୁଛନ୍ତି, ସେଥିରେ ପ୍ରଧାନମନ୍ତ୍ରୀ ନିରବ ରହୁଛନ୍ତି। ଭେନେଜୁଏଲା ପ୍ରସଙ୍ଗରେ ଭାରତ ଆଜି ପର୍ଯ୍ୟନ୍ତ କାହିଁକି ନିଜ ଆଭିମୁଖ୍ୟ ସ୍ପଷ୍ଟ କରିନାହିଁ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ଏହା ଏକ ଅଦ୍ଭୁତ ଯୁକ୍ତି। ପ୍ରଧାନମନ୍ତ୍ରୀଙ୍କ ନିରବତାକୁ ଭାରତର ଦୁର୍ବଳତା ବୋଲି ବିଚାର କରିବା ଅନୁଚିତ। ଏହା ତାଙ୍କର ଏକ କୂଟନୈତିକ ଚାଲ। ଆମେରିକା ଭାରତ ସହ ବାଣିଜ୍ୟ ଚୁକ୍ତି ଲାଗି କେତେ ବ୍ୟାକୁଳ ତାହା ପ୍ରମାଣିତ କରିବା ମୋଦିଙ୍କ ଲକ୍ଷ୍ୟ। ଭେନେଜୁଏଲା ପ୍ରସଙ୍ଗରେ ଭାରତର କିଛି କହିବାର ଆବଶ୍ୟକତା ନାହିଁ। କାରଣ ଏହା ଦ୍ୱାରା ଭାରତର କିଛି ଫାଇଦା ହେବାର ନାହିଁ। ରାହୁଲଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଫୋନ କରି ନାହାଁନ୍ତି ବୋଲି ଆମେରିକା ବାଣିଜ୍ୟ ସଚିବ କହିଛନ୍ତି। ତେଣୁ ମୋଦି କିପରି ଟ୍ରମ୍ପଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ? ଏ ସମ୍ପର୍କରେ ରାହୁଲ ସ୍ପଷ୍ଟ କରିବା ଉଚିତ। ଗତ ୧୧ ବର୍ଷ ଭିତରେ ଭାରତ କେଉଁ ପ୍ରସଙ୍ଗରେ ଆମେରିକାକୁ ଆଖିବୁଜି ସମର୍ଥନ କରିଛି ? ପ୍ରଧାନମନ୍ତ୍ରୀ ମୋଦି ଯାହା କରୁଛନ୍ତି ତାହା କେବଳ ଭାରତର ସ୍ୱାର୍ଥରକ୍ଷା ଲାଗି ଉଦ୍ଦିଷ୍ଟ। ଆମେରିକା ଭାରତକୁ ବାଦ ଦେଇ କଦାପି ବିକାଶ କରିପାରିବ ନାହିଁ। ଆମେରିକାର ଅର୍ଥନୀତି ଏହା ଦ୍ୱାରା ପ୍ରଭାବିତ ହେବ। ଭାରତ ଉପରେ ଟ୍ରମ୍ପ ୫୦% ଟାରିଫ ଲଗାଇବା ପରେ ଆମେରିକାର କ'ଣ କ୍ଷତି ହୋଇଛି ତାହା ସେମାନେ ଜାଣନ୍ତି। ଟ୍ରମ୍ପଙ୍କ ଚାପ ଏବଂ ଟାରିଫ ମାଡ଼ ସତ୍ତ୍ୱେ ଭାରତ ରଷିଆରୁ ତୈଳ ଆମଦାନୀ କରୁଛି। କେବଳ ଦେଶର ସ୍ୱାର୍ଥ ପାଇଁ ମୋଦି ଏହା କରୁଛନ୍ତି। ଆମେରିକା ଚାପରେ ମୋଦି କେବେ ବି ମୁଣ୍ଡ ନୁଆଁଇ ନାହାଁନ୍ତି। ବିରାଧୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର। ଦେଶର ସମ୍ମାନ ଦୃଷ୍ଟରୁ ବିରୋଧୀ ସଂଯମତା ରକ୍ଷା କରି ବୟାନ ଦେବା ଉଚିତ। ଭାରତର ପ୍ରଧାନମନ୍ତ୍ରୀ କ'ଣ କରୁଛନ୍ତି, ତାହା ଜାଣିବାକୁ ଧୈର୍ଯ୍ୟର ସହ ଅପେକ୍ଷା କରାଯିବା ଉଚିତ।

ମକର ସଂକ୍ରାନ୍ତିର ଆଧ୍ୟାତ୍ମିକ ଚେତନା ଓ ପ୍ରଭୁ ଶ୍ରୀରାମଚନ୍ଦ୍ର

ସତ୍ୟ ମହାପାତ୍ର

ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ପ୍ରେରଣା ପ୍ରଦାନ କରିଥାଏ। ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବାକୁ ମକର ସଂକ୍ରାନ୍ତି କୁହାଯାଏ। ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ। ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି। ମକର ସଂକ୍ରାନ୍ତି ପର ଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି। ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି। ସୂର୍ଯ୍ୟ ନିକଟକୁ ଆସୁଥିବାର ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ। ମକର ସଂକ୍ରାନ୍ତିର ଅନେକ ପୌରାଣିକ ମହତ୍ୱ ରହିଛି। ସୂର୍ଯ୍ୟଙ୍କ ଉତ୍ତରାୟଣ ଠାରୁ ସମସ୍ତ ଧାର୍ମିକ କାର୍ଯ୍ୟ ଆରମ୍ଭ ହୋଇଥାଏ। ମହାଭାରତ ଯୁଦ୍ଧ ସମୟରେ ଶର ଶଯ୍ୟାରେ ଶୋଇଥିବା ପିତାମହ ଭୀଷ୍ମ ସୂର୍ଯ୍ୟଙ୍କ ଉତ୍ତରାୟଣ ହେବାକୁ ଅପେକ୍ଷା କରିଥିଲେ। ସୂର୍ଯ୍ୟ ଉତ୍ତରାୟଣ ହେବା ମାତ୍ରେ ସେ ପ୍ରାଣ ତ୍ୟାଗ କରିଥିଲେ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ଭଗବାନ ସୂର୍ଯ୍ୟ ନିଜ ପୁତ୍ର ଶନିକୁ ଦେଖା କରିବା ଲାଗି ତାଙ୍କ ଘରକୁ ଯାଇଥିଲେ। ଶନିଦେବ ମକର ରାଶିର ସ୍ୱାମୀ ହୋଇଥିବାରୁ ଏହି ଦିବସର ନାମ ମକର ସଂକ୍ରାନ୍ତି ହୋଇଥିଲା। ମକର ସଂକ୍ରାନ୍ତି ଦିନ ଦେବୀ ଗଙ୍ଗା ଭଗୀରଥଙ୍କ ପଛେ ପଛେ ଆସି କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଥିଲେ। ଏହାପରେ ଭଗୀରଥଙ୍କ ବଂଶର ଉଦ୍ଧାର ହୋଇଥିଲା। ଶେଷରେ ଦେବୀ ଗଙ୍ଗା ସାଗରରେ ମିଶିଥିଲେ। ସେଥିପାଇଁ ମକର ସଂକ୍ରାନ୍ତି ଦିନ ଗଙ୍ଗାସାଗର ସ୍ନାନର ବିଶେଷ ମହତ୍ତ୍ୱ ରହିଛି।

ମକର ସଂକ୍ରାନ୍ତି ଦିନ ଗୁଡ଼ି ଉଡାଇବାର ପରମ୍ପରା ଦେଶର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳିଥାଏ। ତେବେ ଗୁଡ଼ି ଉଡାଇବା ପରମ୍ପରା ପୌରାଣିକ କାଳରୁ ଚାଲିଆସୁଛି। ଭଗବାନ ଶ୍ରୀରାମଚନ୍ଦ୍ର ବାଲ୍ୟକାଳରେ ଗୁଡ଼ି ଉଡାଉଥିଲେ ବୋଲି ତୁଳସୀ ଦାସଙ୍କ ଶ୍ରୀରାମଚରିତ ମାନସରେ ଉଲ୍ଲେଖ ରହିଛି। ଏଥିରେ ଲେଖାଅଛି - 'ରାମ ଇକ୍ ଦିନ ଚଙ୍ଗ ଉଡାଇ। ଇନ୍ଦ୍ରଲୋକ ମେଁ ପହୁଞ୍ଚି ଜାଇ', ଅର୍ଥାତ୍ ରାମଚନ୍ଦ୍ର ଥରେ ଗୁଡ଼ି ଉଡାଇବା ସମୟରେ ତାହା ଚନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା। ତାମିଲ୍ ଭାଷାରେ ରଚିତ ନନ୍ଦନାରାମୟଣରେ ଉଲ୍ଲେଖ ରହିଛି ଯେ ମକର ସଂକ୍ରାନ୍ତିର ପବିତ୍ର ଅବସରରେ ଭଗବାନ ରାମଚନ୍ଦ୍ର ଏବଂ ହନୁମାନଙ୍କ ମଧ୍ୟରେ ମିତ୍ରତା ହୋଇଥିଲା। ମକର ସଂକ୍ରାନ୍ତିରେ ଶ୍ରୀରାମ ଉଡାଇଥିବା ଗୁଡ଼ି ଇନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା। ଉକ୍ତ ଗୁଡ଼ିକୁ ଦେଖି ଇନ୍ଦ୍ରଙ୍କ ପୁତ୍ର ଜୟନ୍ତଙ୍କ ପତ୍ନୀ ଭାବିଲେ, ଯାହାର ଗୁଡ଼ି ଏତେ ସୁନ୍ଦର ହୋଇପାରେ ସେ କେତେ ସୁନ୍ଦର ହୋଇଥିବେ। ଏହାପରେ ସେ ଗୁଡିଟିକୁ କାଟି ରଖିଦେଇଥିଲେ। ଭଗବାନ ଶ୍ରୀରାମ ଗୁଡ଼ିକୁ ଦେଖି ନପାରିନଥିଲେ। ସେ ଗୁଡ଼ି ଖୋଜି ଆଣିବା ଲାଗି ହନୁମାନଙ୍କୁ ପଠାଇଲେ। ହନୁମାନ ଇନ୍ଦ୍ରଲୋକରେ ପହଞ୍ଚିଗଲେ। ମାତ୍ର ଜୟନ୍ତଙ୍କ ପତ୍ନୀ କହିଲେ, ଯେ ପର୍ଯ୍ୟନ୍ତ ସେ ଶ୍ରୀରାମଙ୍କୁ ନଦେଖିଛନ୍ତି, ସେ ପର୍ଯ୍ୟନ୍ତ ଗୁଡ଼ି ଫେରାଇବେ ନାହିଁ। ହନୁମାନ ପ୍ରଭୁ ଶ୍ରୀରାମଙ୍କ ନିକଟକୁ ଏହି ବାର୍ତ୍ତା ନେଇ ଗଲେ। ଭଗବାନ ରାମଚନ୍ଦ୍ର କହିଲେ ବନବାସ ସମୟରେ ଜୟନ୍ତଙ୍କ ପତ୍ନୀଙ୍କୁ ସେ ଦର୍ଶନ ଦେବେ। ହନୁମାନ ଶ୍ରୀରାମଙ୍କ ସନ୍ଦେଶ ନେଇ ଜୟନ୍ତଙ୍କ ପତ୍ନୀଙ୍କୁ ଜଣାଇଲେ। ଶ୍ରୀରାମଙ୍କ ଆଶ୍ୱାସନା ପାଇଁ ଜୟନ୍ତଙ୍କ ପତ୍ନୀ ଗୁଡ଼ି ଫେରାଇ ଦେଇଥିଲେ।

ମକର ସଂକ୍ରାନ୍ତି ଏକ ସର୍ବଭାରତୀୟ ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି। ଏହି ସଂକ୍ରାନ୍ତିକୁ ମାଘ ମାସର ପ୍ରଥଢ଼ ଦିନ ଭାବେ ହିସାବ କରାଯାଏ। ସୂର୍ଯ୍ୟଙ୍କ ସଂକ୍ରମଣ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନର ଦିନ ହେଉଛି ସଂକ୍ରାନ୍ତି। ପ୍ରତି ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ଲେଖାଏଁ ରାଶିକୁ ଗମନ କରି ସେଥିରେ ଏକ ମାସ ଅବସ୍ଥାନ କରନ୍ତି। ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରନ୍ତି। ଏହି ଦିନଠୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ। ଏହି ଦିନ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଭଳି ଶୁଭକର୍ମ ଅନୁଷ୍ଠିତ ହୁଏ। ଏହି ସମୟରେ ଅଭୀଷ୍ଟ ସିଦ୍ଧ ପାଇଁ ସୂର୍ଯ୍ୟ ଉପାସନା କରାଯାଏ। ମକର ସଂକ୍ରାନ୍ତି ଉପଲକ୍ଷେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ମକରଚୂଳ ଲାଗି କରାଯାଏ। ଏହା ପରେ କର୍ପୂର ଲାଗି ହୋଇ ତିନି ଠାକୁରଙ୍କ ବେଶ ବଢ଼ିଥାଏ। ଗୋପାଳବଲ୍ଲଭ ଓ ସକାଳ ଧୂପ ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି, ନୂଆଲୁଗା ଲାଗି, ମାଳଚୂଳ ଲାଗି ହେବା ପରେ ଅଳଙ୍କାର ଲାଗି ହୋଇ ମକରବେଶ ବଢ଼ିଥାଏ। ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ତେଣୁ ଏହି ଦିନ ନୂଆ ଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ନୂଆ ଗୁଡ଼, ଛେନା, ନଡ଼ିଆ, କଦଳୀ, ଘିଅ ମିଶାଇ ଭୋଗ ପ୍ରସ୍ତୁତ କରି ଗୃଦେବତାଙ୍କୁ ଧାନଖଳାରେ ଭୋଗ ଲଗାଯାଏ। ଏହି ଭୋଗ ମକର ଚାଉଳ ଭାବେ ପ୍ରସିଦ୍ଧ। କେବଳ ଭାରତ ନୁହେଁ, ରୋମାନ୍ ଇହୁଦୀମାନେ ମଧ୍ୟ ଏହି ପର୍ବ ପାଳନ କରନ୍ତି। ଦକ୍ଷିଣ ଭାରତରେ ଏହା ସବୁଠୁ ବଡ଼ ପର୍ବ। ଦକ୍ଷିଣରେ ଏହା ପୋଙ୍ଗଲ ନାମରେ ପ୍ରସିଦ୍ଧ। ଏହି ଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ। ସୂର୍ଯ୍ୟଙ୍କ ତେଜ ମଧ୍ୟ ଆଜିଠୁ ପ୍ରଖର ହୁଏ।

ଏହି ସବୁ ଧାର୍ମିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ ମକର ସଂକ୍ରାନ୍ତି ପର୍ବର ସାମାଜିକ ଏବଂ ଆଧ୍ୟାତ୍ମିକ ଭିତ୍ତିଭୂମି ସୁଦୂରପ୍ରସାରୀ। ଏହି ପର୍ବ ଆମର ସାମାଜିକ ଜୀବନକୁ ଯେପରି ପ୍ରଭାବିତ କରିଛି। ଆମର ଧର୍ମ ଜୀବନ ଠିକ ସେହିପରି ପୁଷ୍ଟକ କରିବା ସଙ୍ଗେ ସଙ୍ଗେ ନିରୋଗ, ସୁସ୍ଥ ଶରୀର ରକ୍ଷା ପାଇଁ ଯଥେଷ୍ଟ ଉପାଦାନ ଯୋଗାଇଛି।

କଟକ, ଦୂରଭାଷ : ୯୬୫୮୧୦୫୫୩୨
E-mail : mohapatrasatya67@gmail.com

ଓଡ଼ିଆତ୍ୱ ଓ ଅସ୍ମିତାର ପ୍ରତୀକ ୱାଲର୍ଡ ଓଡ଼ିଶା ସୋସାଇଟି

ଡ଼ଃ. ଅରୁନ୍ଧତୀ ଦେବୀ

ଚିର ବନ୍ଦିତା, ଚର୍ଚ୍ଚିତା, ଅର୍ଚ୍ଚିତା, ସ୍ନେହମୟୀ, ଚାରୁହାସମୟୀ, ଅନନ୍ୟ ଶୋଭାମୟୀ ଆମର ଏହି ଉତ୍କଳ ଜନନୀ। ପୁଣ୍ୟମାଟି ଏହି ଉତ୍କଳ ପ୍ରଦେଶ। ସଚରାଚର ବିଶ୍ୱର ଦେବତା ଆମ ବଡ଼ ଠାକୁର ଜଗତର ନାଥ ଜଗନ୍ନାଥଙ୍କର ଏହା ପବିତ୍ର ପୀଠ। ଏହାର କୋଣାର୍କର କଳା ବିଶ୍ୱକୁ ଚମତ୍କୃତ କରେ। ଧଉଳି ପାହାଡ଼ ଶୀର୍ଷରୁ ବୁଦ୍ଧବାଣୀ ଭାସି ଆସେ। ଏଇଠି ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ ସମ୍ରାଟ ଅଶୋକ ଏବଂ ଶାନ୍ତିର ପଥପ୍ରଦର୍ଶନ କରିଥିଲେ। ଓଡ଼ିଶାର ସାଧବ ପୁଅ ଦରିଆରେ ବୋଇତ ମେଲାଇ ଜଳପଥରେ ଦେଶବିଦେଶକୁ ଯାତ୍ରା କରି ବେପାରବଣିଜ କରି ଧନଧାନ୍ୟଙ୍କ ଆଣି ଓଡ଼ିଶାକୁ ସମୃଦ୍ଧ କରିଥିଲେ। ଆଜି ସେହି ଓଡ଼ିଶା ବିକାଶକୁ ଅପେକ୍ଷା ରଖିଛି। ଦୁଇହଜାର ଛତିଶ ମସିହାରେ ଏହା ଗଠିତ ହେବାର ଶହେ ବର୍ଷରେ ପଦାର୍ପଣ କରିବ। ବିକଶିତ ଓଡ଼ିଶା, ସମୃଦ୍ଧ ଓଡ଼ିଶା, ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ଓ ସମଗ୍ର ପୃଥିବୀରେ ଓଡ଼ିଆ ଅସ୍ମିତାର ଜୟଗାନ ନିମନ୍ତେ ଗତ କୋଭିଡ଼ର କରାଳ ଛାୟା ଓ ଆତଙ୍କର ଅନ୍ଧକାର ମଧ୍ୟରୁ ଆଶାର ଆଲୋକ ଖେଳାଇ ଜନ୍ମ ନେଇଥିଲା ୨୦୨୧ ମସିହା ୧୪ ତାରିଖ ପବିତ୍ର ମକର ସଂକ୍ରାନ୍ତିର ଶୁଭ ଲଗ୍ନରେ ୱାଲର୍ଡ଼ ଓଡ଼ିଶା ସୋସାଇଟି। ସାରା ପୃଥିବୀରେ ଓଡ଼ିଶାର ମହାନ୍ କଳା, ସଂସ୍କୃତି, ସ୍ଥାପତ୍ୟ, ସାହିତ୍ୟ, ପରଂପରା, ଭାଷା, ଐତିହ୍ୟ, ମହାପ୍ରସାଦ, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଉତ୍କଳ ଜନନୀର ମହତ୍ତ୍ୱ ବିଶେଷତ୍ୱକୁ ବିଶ୍ୱଦରବାରରେ ପ୍ରସାରିତ କରିବା ତଥା ପ୍ରବାସୀ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ଲାଗି ଏହି ସଂଗଠନ ବଳିଷ୍ଠ ପଦକ୍ଷେପ ନେବା ଏବଂ ବିକାଶର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବା ଏହାର ମଧ୍ୟ ଅନ୍ୟ କେତେକ ଉଦ୍ଦେଶ୍ୟ ଅଟେ। ଦିଲ୍ଲୀର ବିଶିଷ୍ଟ ସାମ୍ବାଦିକ ଶ୍ରୀ କିଶୋର ଦ୍ୱିବେଦୀ ଏହାର ଅଧ୍ୟକ୍ଷ ଦାୟିତ୍ୱ ବହନ କଲେ। ଏହି ସମୟର ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ହେଲେ ମୁଖ୍ୟ ପୃଷ୍ଠପୋଷକ। ପ୍ରତିଷ୍ଠାତ୍ରୀ ହେଲେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଗୁରମା' ଡଃ ଅରୁନ୍ଧତୀ ଦେବୀ। ୨୦୨୧ ମେ'ବୃୟାରୀ ପନ୍ଦର ତାରିଖରେ ଏହାର ପରିବର୍ତ୍ତିତ କାର୍ଯ୍ୟକାରୀ କମିଟି ଆନୁକୂଲ୍ୟରେ କୋଟିଆ ସମସ୍ୟା ଉପରେ ଆଲୋଚନା କରାଗଲା ଏବଂ ଓଡ଼ିଶା ଆନ୍ଧ୍ର ସୀମାରେ ବାସ କରୁଥିବା ଓଡ଼ିଆ କୋଟିଆ ଅଧ୍ୟୁଷିତ ଗ୍ରାମ ମାନଙ୍କରେ ସେମାନଙ୍କର ନିରାପତ୍ତା, ଉନ୍ନତି ଓ କଲ୍ୟାଣ ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନେବା ସ୍ଥିର ହେଲା। ଚେୟାରମ୍ୟାନ ଶ୍ରୀ କିଶୋର ଦ୍ୱିବେଦୀ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ ଦାୟର କଲେ। ଦୁଇହଜାର ଏକୋଇଶ ଜୁନ୍ ଉଣେଇଶ ତାରିଖରେ ଓସ୍ ଆନୁକୂଲ୍ୟରେ ଓଡ଼ିଆ ସମାଜ ଅଷ୍ଟ୍ରେଲିଆ ଏବଂ ଇଣ୍ଡିଆନ ଲିଭର ପେସେଂଟ 'ାଉଣ୍ଡେସନ ସହଭାଗିତାରେ ଆଭାସି ମାଧ୍ୟମରେ କରୋନା ସମୟରେ ମାନସିକ ଚାପର ପରିଚାଳନା ନିମନ୍ତେ ଏକ ଆନ୍ତର୍ଜାତୀୟ ସେମିନାର ଅନୁଷ୍ଠିତ ହେଲା। ଚଉଦ ଅଗଷ୍ଟ ଦୁଇହଜାର ଏକୋଇଶିରେ ଦେଶ ସ୍ୱାଧୀନତାର ଦିବସର ଅବ୍ୟବହିତ ପୂର୍ବରୁ ବିଶ୍ୱର ଓଡ଼ିଆମାନଙ୍କୁ ନେଇ "ୱାର୍ଲଡ ଓଡ଼ିଶା ସ

ତୁରନ୍ତ ଇରାନ ଛାଡିବାକୁ ନିଜ ନାଗରିକଙ୍କୁ ଆମେରିକାର ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ବଢୁଛି ଯୁଦ୍ଧ ଘନଘଟା । ଯେକୌଣସି ମୂହୂର୍ତ୍ତରେ ଇସଲାମିକ ଗଣରାଜ୍ୟ ଇରାନ ଉପରେ ହମଲା କରିପାରେ ଆମେରିକା । ଆକ୍ରମଣ କରିବା ମୁଡ୍ ବନେଇ ସାରିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଇରାନରେ ବଢୁଥିବା ହିଂସାତ୍ମକ ପ୍ରତିବାଦ ମଧ୍ୟରେ ଆମେରିକା ନିଜର ନାଗରିକଙ୍କ ପାଇଁ ଏକ ଆଡଭାଇଜରି ଜାରି କରିଛି । ତୁରନ୍ତ ଇରାନ ଛାଡିବାକୁ ଆମେରିକାର ତାର ନାଗରିକଙ୍କୁ ପରାମର୍ଶ ଦେଇଛି । ଗତ ସପ୍ତାହେ ଧରି ଇରାନରେ ସରକାର ବିରୋଧୀ ପ୍ରତିବାଦ ଜାରି ରହିଛି । ସ୍ଥିତି ସୁଧୁରିବା ପରିବର୍ତ୍ତେ ଆହୁରି ଖରାପ ହେଉଛି । ଇରାନ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ହିଂସାରେ ୬୪୬ ଜଣଙ୍କର ମୃତ୍ୟୁ ହୋଇଛି । ୧୦ ହଜାରରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି । ବିକ୍ଷୋଭକାରୀଙ୍କ ଉପରେ ଆକ୍ରମଣ କରେ ଆହ୍ୱନ ନେବ ବୋଲି ଖାମେନେଇ ସରକାରକୁ ଚେତାବନୀ ଦେଇ ଆସୁଥିଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ । ଏବେ କୌଣସି ମୂହୂର୍ତ୍ତରେ ଆକ୍ରମଣ କରିପାରେ । ଆମେରିକା ଇରାନ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି । ଆମେରିକା ତାର ନାଗରିକମାନଙ୍କୁ ପରାମର୍ଶ ଜାରି କରି ସେମାନଙ୍କୁ ତୁରନ୍ତ ଇରାନ ଛାଡିବାକୁ ନିର୍ଦ୍ଦେଶ ଦେଇଛି । ଆଡଭାଇଜରିରେ ଗିରଫଦାରୀ, ଆହତ, ସୁରକ୍ଷା ବ୍ୟବସ୍ଥା ଏବଂ ଇଣ୍ଟରନେଟ୍ ବନ୍ଦ ବିଷୟରେ ଉଲ୍ଲେଖ କରାଯାଇଛି । ଇରାନ ସରକାର ମୋବାଇଲ୍ ଫୋନ୍, ଲ୍ୟାଣ୍ଡଲାଇନ୍ ଏବଂ ଜାତୀୟ ଇଣ୍ଟରନେଟ୍ ନେଟୱାର୍କର ପ୍ରବେଶକୁ ପ୍ରତିବନ୍ଧିତ କରିଥିବା ଏଥିରେ କୁହାଯାଇଛି । ନାଗରିକମାନଙ୍କୁ ଆର୍ମେନିଆ କିମ୍ବା ତୁର୍କୀ ଦେଇ ଦେଶ ଛାଡିବାକୁ ଏବଂ ଯୋଗାଯୋଗର ବିକଳ୍ପ ଉପାୟ ବ୍ୟବହାର କରିବାକୁ କୁହାଯାଇଛି । ଆର୍ମେନିଆ । କିମ୍ବା ତୁର୍କୀ ଦେଇ ଇରାନ ଛାଡିଦେବାକୁ କୁହାଯାଇଛି । ଆଡଭାଇଜରିରେ ଆହୁରି କୁହାଯାଇଛି, ଏୟାରଲାଇନ୍ସଗୁଡ଼ିକ ଇରାନକୁ ଏବଂ ଇରାନରୁ ଉଡ଼ାଣ ସୀମିତ କିମ୍ବା ବାତିଲ କରୁଛନ୍ତି । ଅନେକ ଏୟାରଲାଇନ୍ସ ଜାନୁଆରି ୧୬ ଯାଏଁ ସେବା ସ୍ଥଗିତ ରଖିଛନ୍ତି । ଇଣ୍ଟରନେଟ୍ ବିଭ୍ରାଟ ଜାରି ରହିବ ବୋଲି ଆମେରିକୀୟ ନାଗରିକମାନେ ମନେ ରଖିବା ଉଚିତ ।

ପିତାମାତାଙ୍କ ପ୍ରତି ଅବହେଳା କଲେ ଦରମା କଟିବ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି, ରାଜ୍ୟ ସରକାର ଖୁବ୍ ଶୀଘ୍ର ପିତାମାତାଙ୍କ ଯତ୍ନ ନେଉ ନଥିବା ସରକାରୀ କର୍ମଚାରୀଙ୍କ ପାଇଁ ଏକ ଆଇନ ପ୍ରଣୟନ କରିବେ । ଯାହା ଦ୍ୱାରା ଜଣେ ସରକାରୀ କର୍ମଚାରୀଙ୍କ ଦରମାର ୧୦ ପ୍ରତିଶତ କଟାଯିବ । ଏହି ଟଙ୍କା ସିଧାସଳଖ ପିତାମାତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବୟ ରାଜ୍ୟର ବୃଦ୍ଧ ଏବଂ ଦିବ୍ୟାଙ୍ଗ ଜନସଂଖ୍ୟାକୁ ସୁରକ୍ଷା ଦେବା ପାଇଁ ଅନେକ କଲ୍ୟାଣକାରୀ ଯୋଜନା ଘୋଷଣା କରାଯିବା ପରେ ମୁଖ୍ୟମନ୍ତ୍ରୀ ଏଭଳି କହିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ, ବୃଦ୍ଧ ପିତାମାତାଙ୍କ ଦ୍ୱାରା ସେମାନଙ୍କ ପିଲାମାନଙ୍କ ବିରୋଧରେ କରାଯାଇଥିବା ଅଭିଯୋଗକୁ ଗମ୍ଭୀରତାର ସହ ନିଆଯିବା ଉଚିତ । ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଡେ-କେୟାର ସେଣ୍ଟର ସ୍ଥାପନ କରୁଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ୨୦୨୬-୨୭ ବଜେଟରେ ଏକ ନୂତନ ସ୍ୱାସ୍ଥ୍ୟସେବା ନୀତି ପ୍ରଣୟନ କରିବେ । ରାଜ୍ୟର ସମସ୍ତ ନାଗରିକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ପ୍ରଜା ଭବନରୁ ରେଟ୍ରୋଫିଟେଡ୍

ମୋଟରସାଇକେଲ୍, ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ୍, ବ୍ୟାଟେରୀ ଚାଳିତ ହ୍ୱିଲଚେୟାର, ଲାପଟପ୍, ଶ୍ରବଣ ଯନ୍ତ୍ର, ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଆଧୁନିକ ଉପକରଣର ମାଗଣା ବଣ୍ଟନ ଶୁଭାରମ୍ଭ କରିଛନ୍ତି । ତେଲେଙ୍ଗାନା ସରକାର ଏହି ଯୋଜନା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ।ସେ କହିଛନ୍ତି, ଆମ ସରକାର ମାନବିକତା ଦୃଷ୍ଟିକୋଣରୁ କାର୍ଯ୍ୟ କରୁଛନ୍ତି, ଯାହା ଦ୍ୱାରା ଦିବ୍ୟାଙ୍ଗମାନେ ସମାଜରେ ସମ୍ମାନର ସହିତ ଜୀବନଯାପନ କରିପାରିବେ । ଶିକ୍ଷା ଏବଂ ନିଯୁକ୍ତିରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ କରାଯାଇଛି । ରାଜ୍ୟ ସରକାର ନବ ବିବାହିତ ଦିବ୍ୟାଙ୍ଗମାନଙ୍କ ପାଇଁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିସାରିଛନ୍ତି । ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ରାଜ୍ୟର ପୌର ନିଗମର ସହ-ସଦସ୍ୟ ଭାବରେ ଟ୍ରାନ୍ସଜେଣ୍ଡର ବ୍ୟକ୍ତିମାନଙ୍କୁ ମନୋନୀତ କରାଯିବ । ତାଙ୍କ ମତରେ, ଏହା ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟକୁ ସେମାନଙ୍କର ସମସ୍ୟା ଉଠାଇବା ଏବଂ ସମାଧାନ ଖୋଜିବାରେ ସାହାଯ୍ୟ କରିବ ।

ଖେମିନିଙ୍କ ବିରୋଧରେ ଇସ୍ରାଏଲ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ଇରାନରେ ଚାଲିଥିବା ପ୍ରତିବାଦ ମଧ୍ୟରେ ଇସ୍ରାଏଲର ଗୁପ୍ତଚର ସଂସ୍ଥା ମୋସାଦ ସମ୍ପର୍କରେ ଏକ ବଡ଼ ଖୁଲାସା ହୋଇଛି । ତେହେରାନରେ ପ୍ରତିବାଦକୁ ଉସୁକାଇବାରେ ମୋସାଦ ସମ୍ପୃକ୍ତ ଥିବା ଅଭିଯୋଗ ଆସିଛି । ରିପୋର୍ଟ ଅନୁଯାୟୀ, ମୋସାଦ ଏଜେଣ୍ଟମାନେ ଖୋଲାଖୋଲି ଭାବରେ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇବାକୁ ସାଧାରଣ ଲୋକଙ୍କୁ ଉସୁକାଇଥିଲେ । ଏହା ସହିତ, ଏଜେଣ୍ଟମାନେ ହିଂସାକୁ ଉସୁକାଇବା ଏବଂ ପ୍ରତିବାଦକୁ ନିୟନ୍ତ୍ରଣ କରିବା ପାଇଁ କିଛି ବ୍ୟକ୍ତିଙ୍କୁ ତାଲିମ ମଧ୍ୟ ଦେଇଥିଲେ । ଦି ଜେରୁସାଲେମ ପୋଷ୍ଟ ଅନୁଯାୟୀ, ପ୍ରଥମ ଥର ପାଇଁ ମୋସାଦ ଖୋଲାଖୋଲି ଭାବରେ ଇରାନରେ ହିଂସାକୁ ଉସୁକାଇବାରେ ନିଜର ଭୂମିକାକୁ ସ୍ୱୀକାର କରିଛି । ଏପରି ଗୁପ୍ତଚର କାର୍ଯ୍ୟକଳାପକୁ ସାଧାରଣତଃ ଅତ୍ୟନ୍ତ ଗୁପ୍ତ ରଖାଯାଇଥାଏଯ ସୋସିଅ।ଲ ମିଡିଆ ଏକ୍ସରେ ଏକ ରିପୋର୍ଟରେ କୁହାଯାଇଛି ଯେ, ଇରାନୀ ସୁରକ୍ଷା ବାହିନୀ ଅନେକ ବିଶ୍ୱାସଘାତକଙ୍କୁ ଗିରଫ କରିଛି ଯେଉଁମାନେ ପ୍ରତିବାଦର ଭିଡିଓ ରେକର୍ଡିଂ କରୁଥିଲେ ଓ ଇସ୍ରାଏଲ ସମର୍ଥକ ଚ୍ୟାନେଲଗୁଡ଼ିକୁ ପଠାଉଥିଲେ । ଇରାନର ସର୍ବୋଚ୍ଚ ନେତା ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ଜାନୁଆରି ୯ ତାରିଖରେ ଏକ ବିବୃତି ଜାରି କରି ଅଭିଯୋଗ କରିଥିଲେ ଯେ, ଏହି ପ୍ରତିବାଦମୋସାଦ ଏବଂ ଆମେରିକୀୟ ଗୁପ୍ତଚର ସଂସ୍ଥା ସିଆଇଏ ଦ୍ୱାରା ସଂଗଠିତ କରାଯାଉଛି । ସେ ଚେତାବନୀ ଦେଇଥିଲେ, ମସଜିଦକୁ କ୍ଷତି ପହଞ୍ଚାଉଥିବା ପ୍ରତିବାଦକାରୀଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ । ରିପୋର୍ଟ ଅନୁଯାୟୀ, ଇରାନ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ମୋସାଦ ସହିତ ଜଡିତ ୧୦ରୁ ଅଧିକ ଏଜେଣ୍ଟଙ୍କୁ ଗିରଫ କରିଛନ୍ତି । ମଙ୍ଗଳବାର ଦିନ ଆଉ ଦୁଇଜଣ ଏଜେଣ୍ଟଙ୍କୁ ଗିରଫ କରାଯାଇଛି, ସେମାନଙ୍କଠାରୁ ମାନଚିତ୍ର ଏବଂ ଭିଡିଓ ଫୁଟେଜ୍ ଜବତ କରାଯାଇଛି । ସରକାର ଏଜେଣ୍ଟଙ୍କ ମଧ୍ୟରୁ ଜଣଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ପ୍ରସ୍ତୁତ ହେଉଛନ୍ତି । ଇରାନ ଅନୁଯାୟୀ, ଜୁନ୍ ୨୦୨୫ ପରେ ଆଜରବାଇଜାନ ଦେଇ ଦେଶକୁ ଅସ୍ତ୍ରଶସ୍ତ୍ର ଅଣାଯାଇଥିଲା ଏବଂ ମୋସାଦ ଦ୍ୱାରା ସ୍ଥାନୀୟ ଲୋକଙ୍କୁ ସରକାରଙ୍କ ବିରୋଧରେ ଉସୁକାଇ ଯାଇଥିଲା । ମୋସାଦ ଏଜେଣ୍ଟମାନେ ବିରୋଧ ପ୍ରଦର୍ଶନ ସମୟରେ କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିଥିଲେ ।

କୁକୁର ପ୍ରେମୀଙ୍କୁ ସୁପ୍ରିମକୋର୍ଟର କଡ଼ା ଚେତାବନୀ

ଖାଇବାକୁ ଦେବାର ଅଛି ତ ଘରେ ନେଇ ରଖ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ବୁଲା କୁକୁର ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ମଙ୍ଗଳବାର ଦିନ ରାଜ୍ୟ ସରକାରମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି । ଶୀର୍ଷ ଅଦାଲତ କହିଛନ୍ତି ଯେ, କୁକୁର କାମୁଡ଼ା ପ୍ରତ୍ୟେକ ଘଟଣା ଏବଂ ଏଥିଯୋଗୁଁ ହେଉଥିବା ପ୍ରତ୍ୟେକ ମୃତ୍ୟୁ ମାମଲାରେ ସମ୍ପୃକ୍ତ ରାଜ୍ୟ ଉପରେ ମୋଟା ଅଙ୍କର କ୍ଷତିପୂରଣ ଲଗାଯାଇପାରେ । ଏହା ସହିତ ଅଦାଲତ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଯେଉଁ ମାମଲାରେ କୁକୁର ଆକ୍ରମଣ ଯୋଗୁଁ କୌଣସି ବ୍ୟକ୍ତିଙ୍କ ଉପରେ 'ଜୀବନବ୍ୟାପୀ ପ୍ରଭାବ' ପଡୁଛି, ସେଭଳି କ୍ଷେତ୍ରରେ ବୁଲା କୁକୁରଙ୍କୁ ଖାଦ୍ୟ ଦେଉଥିବା ବ୍ୟକ୍ତି ମାନଙ୍କର ଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରାଯିବ । ସୁପ୍ରିମକୋର୍ଟ କଠୋର ଶବ୍ଦରେ କହିଛନ୍ତି, 'ପ୍ରତ୍ୟେକ କୁକୁର କାମୁଡ଼ା ଏବଂ ମୃତ୍ୟୁ ପାଇଁ ଆମେ ରାଜ୍ୟଗୁଡ଼ିକ ଉପରେ ଭାରୀ କ୍ଷତିପୂରଣ ଧାର୍ଯ୍ୟ କରିବୁ, କାରଣ ସେମାନେ ଆବଶ୍ୟକ ବ୍ୟବସ୍ଥା କରିନାହାଁନ୍ତି । ଏହାସହ ଡଗ୍ ଫିଡର୍ସଙ୍କର ମଧ୍ୟ ଦାୟିତ୍ୱ ରହିବ । ଯଦି ଆପଣ ସେମାନଙ୍କୁ ଖାଦ୍ୟ ଖୁଆଉଛନ୍ତି, ତେବେ ସେମାନଙ୍କୁ ନିଜ ଘରେ ରଖନ୍ତୁ । ସେମାନଙ୍କୁ ବାହାରେ ବୁଲି ଲୋକଙ୍କୁ କାମୁଡ଼ିବା ଏବଂ ସେମାନଙ୍କ ଉପରେ ଆକ୍ରମଣ କରିବାକୁ ଅନୁମତି କାହିଁକି ଦିଆଯିବ ? କୁକୁର କାମୁଡ଼ାର ପ୍ରଭାବ ସାରା ଜୀବନ ରହିଥାଏ ।'ସମସ୍ତ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ସେମାନେ 'ଆନିମଲ୍ ବାର୍ଥ କଣ୍ଟ୍ରୋଲ' ନିୟମକୁ ଲାଗୁ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ପୀଠ କହିଛନ୍ତି ଯେ ଏହି ସମସ୍ୟା ଦଶନ୍ଧି ଦଶନ୍ଧି ଧରି

ଚାଲିଆସୁଛି ଏବଂ କେନ୍ଦ୍ର ତଥା ରାଜ୍ୟଗୁଡ଼ିକର ବିଫଳତା ଯୋଗୁଁ ଏହା ଅନେକ ଗୁଣ ବଢ଼ିଯାଇଛି । ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି ଯେ ପ୍ରତ୍ୟେକ ପୁରୁଷ, ମହିଳା ଏବଂ ଶିଶୁଙ୍କ ମୃତ୍ୟୁ ପାଇଁ, ଯାହାର ଜୀବନ କୁକୁର କାମୁଡ଼ା ଯୋଗୁଁ ଯାଇଛି, ଦାୟୀ ସରକାରଙ୍କ ଉପରେ ଭାରୀ କ୍ଷତିପୂରଣ ଲଗାଯିବ । ଏହା ପୂର୍ବରୁ ଜାନୁଆରୀ ୮ ତାରିଖ ଶୁଣାଣିରେ ମଧ୍ୟ ସୁପ୍ରିମକୋର୍ଟ ABC ନିୟମର ଦୁର୍ବଳ କାର୍ଯ୍ୟକାରିତା ଉପରେ ଚିନ୍ତା ପ୍ରକଟ କରିଥିଲେ ଏବଂ କୁକୁର ପ୍ରେମୀମାନଙ୍କୁ 'ବାସ୍ତବତାରୁ ଦୂରରେ' ଥିବା ଦର୍ଶାଇଥିଲେ । ଗତ ସପ୍ତାହରେ କୋର୍ଟ ଏହା ମଧ୍ୟ କହିଥିଲେ ଯେ, ମହିଳା ଡଗ୍ ଫିଡର୍ସଙ୍କୁ ହଇରାଣ ହରକତ କରିବା ସହ ଜଡ଼ିତ ଅଭିଯୋଗ ଆଇନ ଶୃଙ୍ଖଳା ପରିସ୍ଥିତିର ବିଷୟ ଏବଂ ପୀଡ଼ିତା ଏଥିପାଇଁ FIR ଦାୟର କରିପାରିବେ । ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ କରାଯାଇଥିବା କଥିତ ଅପମାନଜନକ ମନ୍ତବ୍ୟର ତଦନ୍ତ କରିବାକୁ ମନା କରିଦେଇଥିଲେ । ତିନିଜଣିଆ ବିଚାରପତିଙ୍କ ସ୍ୱତନ୍ତ୍ର ପୀଠ- ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହେଟା ଏବଂ ଜଷ୍ଟିସ୍ ଏନ.ଭି. ଅଞ୍ଜାରିଆ କହିଛନ୍ତି ଯେ, ବୁଲା କୁକୁରମାନେ ପିଲା ଏବଂ ବୃଦ୍ଧମାନଙ୍କ ଉପରେ ଆକ୍ରମଣ କରୁଥିବାର ଅନେକ ଭିଡିଓ ରହିଛି । ସୁପ୍ରିମକୋର୍ଟ ଡଗ୍ ଲଭର୍ସ ଏବଂ ଡଗ୍ ଫିଡର୍ସଙ୍କୁ କଡ଼ା ପ୍ରଶ୍ନ କରିଛନ୍ତି, 'ଆପଣଙ୍କ ଭାବନା କ'ଣ କେବଳ କୁକୁରମାନଙ୍କ ପାଇଁ, ମଣିଷଙ୍କ ପାଇଁ ନୁହେଁ ?' ଶୀର୍ଷ ଅଦାଲତ ବିଭିନ୍ନ ଆବେଦନ ଉପରେ ଶୁଣାଣି କରୁଛନ୍ତି, ଯେଉଁଥିରେ କୁକୁର ପ୍ରେମୀଙ୍କ ଦ୍ୱାରା ପୂର୍ବ ନିର୍ଦ୍ଦେଶରେ ସଂଶୋଧନ ଏବଂ କଡ଼ା ଅନୁପାଳନ ପାଇଁ ଦାବି କରାଯାଇଛି ।

ପଶ୍ଚିମବଙ୍ଗରେ ଘାତକ ନିପା ଭାଇରସ୍ ଚିହ୍ନଟ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ପଶ୍ଚିମବଙ୍ଗରେ ଦୁଇଟି ନିପା ଭାଇରସ୍ ମାମଲା ସାମ୍ନାକୁ ଆସିଛି । କଲ୍ୟାଣୀ ଏମ୍ସରେ ଥିବା ଭାରତୀୟ ମେଡିକାଲ ଗବେଷଣା ପରିଷଦ (ଆଇସିଏମ୍ଆର)ର ଭୂତାଣୁ ଗବେଷଣା ଓ ଚିହ୍ନଟ ଲ୍ୟାବରେ ଏହି ଭାଇରସକୁ ଚିହ୍ନଟ କରାଯାଇଛି । ଏହି ଭାଇରସ୍ ଘାତକ ହୋଇଥିବାରୁ ତାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ତାହା ଉପରେ ଅଧିକ ଧ୍ୟାନ ଦିଆଯାଉଛି । ଦୁଇଟି ମାମଲା ମଧ୍ୟରୁ ଜଣେ ବ୍ୟକ୍ତି ବାଂଲାଦେଶ ସୀମା ନଦିଆ ଜିଲ୍ଲାର ଘୁଗରଗାଛି ଅଞ୍ଚଳରୁ ଆସିଥିବା ଜଣାପଡିଛି । ଏକଥା ଜଣାପଡିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଛନ୍ତି । ଏହାର ମୁକାବିଲା, ସର୍ଭେଲାନ୍ସ ଓ ନିୟନ୍ତ୍ରଣ ରଣନୀତି ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଏକ କେନ୍ଦ୍ରୀୟ ଟିମ୍ ମଧ୍ୟ ଘଟଣାସ୍ଥଳକୁ ପଠାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହାର ମୁକାବିଲା ପାଇଁ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ।

ନିତିନ ନବୀନ ହେବେ ବିଜେପିର ପୂର୍ଣ୍ଣକାଳୀନ ସଭାପତି

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ଜାନୁଆରି ୨୦ ତାରିଖରେ ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ନିତିନ ନବୀନ ଦଳର ପୂର୍ଣ୍ଣକାଳୀନ ସଭାପତି ହେବେ । ଏହି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମିତ ଶାହ ଉପସ୍ଥିତ ରହିବେ । ସମସ୍ତ କ୍ୟାବିନେଟ ମନ୍ତ୍ରୀ, ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ବିଜେପି ପଦାଧିକାରୀ ମାନେ ଉପସ୍ଥିତ ରହିବେ । ଏହା ବ୍ୟତୀତ ଅନେକ ରାଜ୍ୟର ରାଜ୍ୟ ସଭାପତି ମଧ୍ୟ ଦିଲ୍ଲୀ ଆସିବେ । ବିଜେପିର ଶୀର୍ଷ ନେତୃତ୍ୱ ଚାହୁଁଛନ୍ତି ନିତିନ ନବୀନଙ୍କୁ ସମ୍ମାନଜନକ ଢଙ୍ଗରେ ମୁକୁଟ ପିନ୍ଧାଇବାକୁ । ଏଭଳି ପରିସ୍ଥିତିରେ ବରିଷ୍ଠ ନେତାମାନଙ୍କ ମଧ୍ୟରେ ମଧ୍ୟ ତାଙ୍କର ସ୍ଥିତି ଦୃଢ ହୋଇପାରିବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ତାଙ୍କ ସ୍ୱାଗତ ଉତ୍ସବରେ ଉପସ୍ଥିତ ରହିବେ ଏବଂ ସମଗ୍ର କ୍ୟାବିନେଟ୍ ମଧ୍ୟ ଉପସ୍ଥିତ ରହିବେ । ଏହା ମାଧ୍ୟମରେ ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରାଯିବ ଯେ ବିଜେପି ସଭାପତି ପଦ ସଂଗଠନର ଶୀର୍ଷରେ ଅଛି ଏବଂ କେଉଁ ନେତା ସେହି ଦାୟିତ୍ୱ ତୁଲାଉଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । କାର୍ଯ୍ୟକାରୀ ସଭାପତି ହେବା ପରଠାରୁ ନିତିନ ବିଜେପିର ସମସ୍ତ ନେତାଙ୍କୁ ଭେଟିଛନ୍ତି । ସଂଗଠନର ଅଦଳବଦଳ ପାଇଁ ସେ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡ଼ିଛି । ଜାନୁଆରି ୨୦ରେ ଆନୁଷ୍ଠାନିକ ଭାବେ ପୂର୍ଣ୍ଣକାଳୀନ ସଭାପତି ଘୋଷଣା ପରେ ସେ ତାଙ୍କ ଦଳ ସ୍ଥିର କରିବେ

ଏବଂ ଅନେକ ନୂଆ ଚେହେରା ବିଜେପି ସଂଗଠନରେ ପ୍ରବେଶ କରିପାରନ୍ତି । କେନ୍ଦ୍ର ସରକାରରେ ଅଦଳବଦଳ ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି ଏହା ବ୍ୟତୀତ କେନ୍ଦ୍ର ସରକାରରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିବ । ଏହାର କାରଣ ହେଉଛି ପଙ୍କଜ ଚୌଧୁରୀ ବର୍ତ୍ତମାନ ୟୁପିର ରାଜ୍ୟ ସଭାପତି ଅଛନ୍ତି । ସେ ମଧ୍ୟ ମୋଦୀ ସରକାରଙ୍କ ମନ୍ତ୍ରିମଣ୍ଡଳରେ ଅଛନ୍ତି । ଏଭଳି ପରିସ୍ଥିତିରେ ତାଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇବା ନିଶ୍ଚିତ ବୋଲି ବିବେଚନା କରାଯାଉଛି । ଏହା ବ୍ୟତୀତ ସଂଗଠନରୁ ଆଉ କିଛି ନେତାଙ୍କୁ ସରକାରକୁ ଅଣାଯାଇପାରେ । ଏଥି ସହିତ ଆର୍ଏସ୍ଏସ୍ ସହ ଜଡିତ କିଛି ଲୋକଙ୍କୁ ଦଳରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇପାରେ । ୪୬ ବର୍ଷୀୟ ନିତିନ ନବୀନ ହେଉଛନ୍ତି ବିଜେପିର ସର୍ବକନିଷ୍ଠ ଜାତୀୟ ସଭାପତି । ନିତିନ ଏକାକୀ ନାମାଙ୍କନପତ୍ର ଦାଖଲ କରିବେ, ପ୍ରଥମ ଦିନ ନମିନେସନ ଓ ଦ୍ୱିତୀୟ ଦିନ ଘୋଷଣା , ବିଜେପି ସୂତ୍ରରୁ ପ୍ରକାଶ ଯେ, ନିତିନ ନବୀନ ଏକାକୀ ସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିବେ ଏବଂ ନିର୍ବାଚନ ହେବାର ସମ୍ଭାବନା ନାହିଁ । ଜାନୁଆରି ୧୮ କିମ୍ବା ୧୯ରେ ସେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଅନୁମାନ କରାଯାଉଛି । ତା'ପରେ ତାଙ୍କ ନିର୍ବାଚନ ଘୋଷଣା କରାଯିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ସମସ୍ତ ବରିଷ୍ଠ ନେତା ତାଙ୍କ ଦାୟିତ୍ୱ ଗ୍ରହଣ ସମୟରେ ଉପସ୍ଥିତ ରହିବେ । ବିଜେପି ବର୍ତ୍ତମାନ ଖରମାସର ସମାପ୍ତିକୁ ଅପେକ୍ଷା କରିଛି, ଯାହା ମକର ସଂକ୍ରାନ୍ତିରେ ଶେଷ ହେବ ।

ୟୁକ୍ରେନ୍ ପାୱାର ଗ୍ରୀଡ୍ ଉପରେ ରୁଷର ଆକ୍ରମଣ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ୟୁକ୍ରେନ୍

ପୋଷଣଯୁକ୍ତ ପରମ୍ପରା ସହିତ ପାଳନ କରନ୍ତୁ ମକର ସଂକ୍ରାନ୍ତି

ଭୁବନେଶ୍ୱର, ୧୩।୧ (ନି.ପ୍ର) : ମକର ସଂକ୍ରାନ୍ତି ଭାରତବ୍ୟାପୀ ବଡ ଦିନ, ନୂଆ ଫସଲ ଓ ନୂତନ ଶକ୍ତିର ଆଗମନକୁ ସୂଚିତ କରିଥାଏ। ଏହାକୁ ପୋଙ୍ଗଲ, ଲୋହଡି, ଉତରାୟଣ ଓ ମାଘ ବିହୁ ଭଳି ବିଭିନ୍ନ ରୂପରେ ପାଳନ କରାଯାଇଥାଏ। ପରିବାରଗୁଡିକ ଏହି ପର୍ବକୁ ପାଳନ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ମିଠା ପ୍ରସ୍ତୁତ କରିବାକୁ ଏକାଠି ହୋଇଥାନ୍ତି। ଏହି ଋତୁ କାଲିଫର୍ଣ୍ଣିଆ ଆଲମଣ୍ଡକୁ ଖାଦ୍ୟରେ ଅନ୍ତର୍ଭୁକ୍ତ କରି ଉତ୍ସବ ସହ ଉପଯୁକ୍ତ ପୋଷଣକୁ ସନ୍ତୁଳିତ ରଖିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥାଏ। ଏହାର ପ୍ରୋଟିନ, ସୁସ୍ଥ ଫ୍ୟାଟ ଓ ଆଂଟିଅକ୍ସିଡାଂଟର ସ୍ୱତନ୍ତ୍ର ମିଶ୍ରଣ ସହିତ ଆଲମଣ୍ଡ ଶକ୍ତି ହାସଲ କରିବା, ରୋଗପ୍ରତିରୋଧକ ଶକ୍ତି ବଢାଇବା ଓ ସ୍ଥାୟୀ ଶକ୍ତି ପ୍ରଦାନ କରିବାରେ ସାହାଯ୍ୟ କରିଥାଏ। ଏହାର ପୋଷଣ ସମୃଦ୍ଧ ଗୁଣ ଏହାକୁ ପାର୍ବଣ ଖାଦ୍ୟଗୁଡିକରେ ଏକ ପ୍ରକୃତିକ ଯୋଗରେ ପରିଣତ କରୁଛି ଯାହା ସ୍ୱାଦକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିବା ସହ ଉତ୍ସବ ସମୟରେ ସାମଗ୍ରିକ ସୁସ୍ଥତା ବଜାୟ ରଖିଥାଏ। ଏସମ୍ପର୍କରେ ମ୍ୟାକ୍ସ ହେଲଥକେୟାର, ନୂଆଦିଲ୍ଲୀର ଡାଏଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ ରିତିକା ସମାଦାର କହିଛନ୍ତି, 'ମକର ସଂକ୍ରାନ୍ତି ପାଳନର ମୁଖ୍ୟ କେନ୍ଦ୍ର ହେଉଛି ପାର୍ବଣ ଖାଦ୍ୟ, କିନ୍ତୁ କ୍ଷୁଦ୍ର ତଥାପି ସାର୍ଥକ ଖାଦ୍ୟ ଚୟନ ଉତମ ସ୍ୱାସ୍ଥ୍ୟରେ ସହଯୋଗ କରିପାରିଥାଏ। ଆଲମଣ୍ଡଗୁଡିକ ପୋଷଣସମୃଦ୍ଧ, ପ୍ରାକୃତିକ ଭାବେ ସନ୍ତୋଷଜନକ ହୋଇଥାଏ ଏବଂ ରକ୍ତ ସର୍କରା ସ୍ତର ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରିଥାଏ। କାଲିଫର୍ଣ୍ଣିଆ ଆଲମଣ୍ଡ ପରିବାରଗୁଡିକୁ ପୋଷଣରେ ସାଲିସ ନକରି ଉତ୍ସବ ପାଳନ କରିବାରେ ସାହାଯ୍ୟ କରିଥାଏ। ସେହିପରି ଆୟୁର୍ବେଦ ବିଶେଷଜ୍ଞ ଡଃ ମଧୁମିତା କ୍ରିଷ୍ଣନ କହିଛନ୍ତି, 'ଆଲମଣ୍ଡ ହେଉଛି ସବୁଠାରୁ ବିବିଧ ଖାଦ୍ୟ ସାମଗ୍ରୀ ମଧ୍ୟରୁ ଗୋଟିଏ ଯାହାକୁ ଆପଣ ପାର୍ବଣର ଖାଦ୍ୟରେ ସାମିଲ କରିପାରିବେ।

ଏହା ଦୋଷଗୁଡିକର ସନ୍ତୁଳନର ଏକ ଅନନ୍ୟ ମିଶ୍ରଣ ଦେଇଥାଏ, ଯାହା ଶରୀରର ପୋଷଣତତ୍ୱ ବଢାଇଥାଏ। ଚଟଣୀ ହେଉ କିମ୍ବା ପାର୍ବଣର ମିଠାରେ ଅନ୍ତର୍ଭୁକ୍ତ କରିବା, ଆଲମଣ୍ଡ ଉଭୟ ପୋଷଣଯୁକ୍ତ ଓ ସ୍ୱାଦଯୁକ୍ତ ଅଟେ।' ନ୍ୟୁଟ୍ରିସନ ଆଣ୍ଡ ୱେଲନେସ୍ କନ୍‌ସଲ୍‌ଟାଂଟ ଶୀଲା କ୍ରିଷ୍ଣମୂର୍ତି କହିଛନ୍ତି, 'ପାର୍ବଣର ଖାଦ୍ୟରେ ଆଲମଣ୍ଡ ଭଲ ଭାବରେ କାର୍ଯ୍ୟ କରିଥାଏ କାରଣ ତାହା ଅଧିକ ଚିନି କିମ୍ବା ରିଫାଇନ୍‌ଡ ଫ୍ୟାଟ ଉପରେ ନିର୍ଭର ନକରି ପ୍ରାକୃତିକ ଟେକ୍ସଚର ଓ ଉପକାରୀ ପୋଷକତତ୍ୱ ଯୋଗ କରିଥାଏ। ପାରମ୍ପରିକ ଖାଦ୍ୟରେ ଏହାକୁ ସାମିଲ କରିବା ଦ୍ୱାରା ତାହା ପରିବାରଗୁଡିକୁ ଉତ୍ସବର ମହତ୍ୱକୁ ସଂରକ୍ଷିତ ରଖିବା ଓ ଖାଦ୍ୟକୁ ସନ୍ତୁଳିତ ଓ ପୋଷଣଯୁକ୍ତ ରଖିବା ପାଇଁ ଅନୁମତି ଦେଇଥାଏ।

ଡାଲମିଆ ଭାରତ ଫାଉଣ୍ଡେସନ୍ ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସା ୟୁନିଟ୍‌ର ପୁନଃପ୍ରଚଳନ

ଭୁବନେଶ୍ୱର,, ୧୩।୧ (ନି.ପ୍ର): ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍), ୱିକହାର୍ଟ ଫାଉଣ୍ଡେସନ ସହିତ ଅଂଶୀଦାର ବ୍ୟବସ୍ଥାରେ ଏହାର କାରଖାନା ପାରିପାର୍ଶ୍ୱିକ ଅଞ୍ଚଳରେ ଜନସମୁଦାୟଙ୍କୁ ଅତ୍ୟାବଶ୍ୟକ ପ୍ରାଥମିକ ଏବଂ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇଦେବାକୁ କଟକର ଟାଙ୍ଗିସ୍ଥିତ ଡାଲମିଆ ସିମେଣ୍ଟ- କପିଳାସ ସିମେଣ୍ଟ ମାନୁଫାକ୍‌ଚରିଂ ୱର୍କସ୍ (କେସିଡବ୍ଲ୍ୟୁ) କାରଖାନାରେ ଏହାର ଭ୍ରାମ୍ୟମାଣ ମେଡିକାଲ ୟୁନିଟ (ଏମଏମୟୁ)ର ପୁନଃ ପ୍ରଚଳନ କରିଛି। ୨୦୧୪ରୁ କାର୍ଯ୍ୟକ୍ଷମ ଥିବା ଏମଏମୟୁ ୨୦୨୪ ପର୍ଯ୍ୟ' ମାସିକ ୧୮୦୦ରୁ ଅଧିକ ରୋଗୀଙ୍କ ନିକଟରେ ପହଞ୍ଚୁଥିବାବେଳେ ଏହାର ପୁନଃସ୍ଥାପନ ଜନସମୁଦାୟଙ୍କ ଦ୍ୱାରା ନିତାନ୍ତ ଆବଶ୍ୟକତା ପାଲଟିଛି। ଏହି ଏମଏମୟୁରେ ଜଣେ ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟଙ୍କୁ ନେଇ ଏକ ଯୋଗ୍ୟତାସମ୍ପନ୍ନ ଡାକ୍ତରୀ ଦଳ ରହିବେ, ଯେଉଁମାନେ ମୌଳିକ ରୋଗ ନିରୂପଣ, ପରାମର୍ଶ ଏବଂ ଚିକିତ୍ସା ସେବା ଯୋଗାଇଦେବେ। ଏହା ମଧ୍ୟ ଜଟିଳ ରୋଗ କ୍ଷେତ୍ରରେ ବୃହତ୍ତର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ରୋଗୀଙ୍କୁ ପଠାଇବା

କାର୍ଯ୍ୟ ସୁଗମ କରିବ ଏବଂ ବିଶେଷ ଭାବରେ ଋତୁଗତ ଅସୁସ୍ଥତା ଏବଂ ଯକ୍ଷ୍ମା ସମ୍ପର୍କିତ ସଚେତନତା ସୃଷ୍ଟି ଉପରେ ଦୃଷ୍ଟିନିବଦ୍ଧ କରି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମଗୁଡିକ ନିୟମିତ ଭାବରେ ପରିଚାଳନା କରିବ। ଏହି ପ୍ରୟାସ ଏହାର କାରଖାନା ଚତୁର୍ପାର୍ଶ୍ୱ ଅଞ୍ଚଳଗୁଡିକରେ ଦୁର୍ଗମ ଏବଂ କମ୍ ସେବା ପହଞ୍ଚୁଥିବା ସ୍ଥାନଗୁଡିକରେ ସୁଲଭ ସ୍ୱାସ୍ଥ୍ୟସେବାର ଅଭାବ ଦିଗପ୍ରତି ସିଧାସଳଖ ଭାବରେ ଦୃଷ୍ଟିଦେବାକୁ ଲକ୍ଷ୍ୟ ରଖିଛି।

ଏହାର ପୁନଃଆରମ୍ଭ ଅବସରରେ ପଙ୍କଜ ଗୁପ୍ତା, ୟୁନିଟ ହେଡ, କେସିଡବ୍ଲ୍ୟୁ, ସୁଧୀର ରନ ମହାନ୍ତି, ହେଡ୍ ଏଚଆର, କେସିଡବ୍ଲ୍ୟୁ ଏବଂ ଶ୍ରୀ ଗୁଲଜାରିଲାଲ ବିଶ୍ୱାସ, ଷ୍ଟେଟ ହେଡ, ୱିକହାର୍ଟ ଫାଉଣ୍ଡେସନଙ୍କ ସମେତ ଡିବିଏଫ୍ ଟିମ୍, ସରପଞ୍ଚ ଏବଂ ପଞ୍ଚାୟତ ପ୍ରତିନିଧିଗଣ ତଥା କାରଖାନାର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଏହାର ପୁନଃଆରମ୍ଭ ସମ୍ପର୍କରେ ପ୍ରକାଶ କରି ଶ୍ରୀ ପଙ୍କଜ ଗୁପ୍ତା, ୟୁନିଟ ହେଡ, କେସିଡ୍ଲ୍ୟୁ କହିଥିଲେ, 'ସମୟୋଚିତ ଏବଂ ମୌଳିକ ସ୍ୱାସ୍ଥ୍ୟସେବା ଲାଭ କରିବାର ସୁଯୋଗ ଅନେକ ଗ୍ରାମାଞ୍ଚଳ ସ୍ଥାନରେ ଚାଲେ ଭାବରେ ଲାଗିରହିଛି। କପିଳାସରେ ଭ୍ରାମ୍ୟମାଣ ମେଡିକାଲ ୟୁନିଟ ପୁନଃପ୍ରଚଳନ ଜନସମୁଦାୟଙ୍କ ଦ୍ୱାରଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସୁନିଶ୍ଚିତ କରିବାକୁ ଆମର ସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ସେବା ଅଟକିଯିବା ପରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଏହା ପୁନଃ ଆରମ୍ଭ କରିବାକୁ ଦୃଢ ଦାବି ଏହା ପୁନଃଦୃଢୀକରଣ କରିଥିଲା ଯେ ବର୍ଷ ପରେ ବର୍ଷ ଏହା ନିଜର ପ୍ରଭାବ ପକାଇଛି। ଆମେ ୱିକହାର୍ଟ ଫାଉଣ୍ଡେସନ ସହିତ ଏହି ଅର୍ଥପୂର୍ଣ୍ଣ ସହଯୋଗୀତା ଜାରି ରଖିବା ନେଇ ଆନନ୍ଦ ଅନୁଭବ କରୁଛୁ ଏବଂ ସର୍ବାଧିକ ଆବଶ୍ୟକ କରୁଥିବା ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ବ୍ୟବସ୍ଥାକୁ ସୁଦୃଢ କରିବା ଉପରେ ଦୃଷ୍ଟିନିବଦ୍ଧ କରି ରହିଛୁ। କପିଳାସରେ ଏମଏମୟୁର ପୁନଃଆରମ୍ଭ ଡାଲମିଆ ଭାରତ ଫାଉଣ୍ଡେସନ ପକ୍ଷରୁ ଏହାର ସମସ୍ତ ବ୍ୟବସାୟ ପରିଚାଳନା ସ୍ଥାନଗୁଡିକରେ ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପରିବ୍ୟବସ୍ଥାକୁ ସୁଦୃଢ କରିବା ନିମନ୍ତେ ନିରନ୍ତର ଉଦ୍ୟମର ଅଂଶବିଶେଷ ହୋଇଛି। ଦୀର୍ଘସୂତ୍ରୀ ଅଂଶୀଦାର ବ୍ୟବସ୍ଥା ଏବଂ ସ୍ଥିର କ୍ଷେତ୍ରସ୍ତରୀୟ ପ୍ରୟାସଗୁଡିକ ଜରିଆରେ ଡିବିଏଫ୍ ଅତ୍ୟାବଶ୍ୟକ ସେବାଗୁଡିକର ସୁଯୋଗ ନେବା ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ଗ୍ରାମାଞ୍ଚଳ ଓ କମ୍ ସେବା ପହଞ୍ଚୁଥିବା ଅଞ୍ଚଳଗୁଡିକରେ ସ୍ୱାସ୍ଥ୍ୟପ୍ରଦ, ଅଧିକ ମଜଭୁତ ଗୋଷ୍ଠୀ ନିର୍ମାଣକୁ ସମର୍ଥ କରାଇବା ଉପରେ ଏକନିଷ୍ଠ ରହିଛି।

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଲାଡେଲ୍ ଲାଇନିଂ ଲାଇଫ୍ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ

ରାଉରକେଲା, ୧୩।୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସଏମଏସ-୨) ରେ ଷ୍ଟିଲ୍ ଲାଡେଲ୍ ନମ୍ବର ୨୯ ରେ ୨୧୦ ହିଟ୍ ଲାଡେଲ୍ ଲାଇଫ୍ ହାସଲ କରି ୧୫୦ ଟନ୍ ଷ୍ଟିଲ୍ ଲାଡେଲ୍ ଲାଇନିଂ ଲାଇଫ୍ ରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛିୟ ଏହି ସଫଳତା ଗତ ୨୦୨୦ ମସିହା ସେପ୍ଟେମ୍ବର ମାସରେ ସ୍ଥାପନ କରାଯାଇଥିବା ୨୦୬ ହିଟ୍ ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି।ଏହି ମାଇଲଖୁଣ୍ଟ ରିଫ୍ରାକ୍ଟୋରୀଜ ଇଞ୍ଜିନିୟରିଂ (ସେବା) ଏବଂ ଏସଏମଏସ-୨ ବିଭାଗର କର୍ମଚାରୀମାନଙ୍କ ପ୍ରଭାବଶାଳୀ ଦଳଗତ କାର୍ଯ୍ୟ, ନିରନ୍ତର ପ୍ରୟାସ ଏବଂ ସମ୍ପୂର୍ଣ୍ଣ ଉତ୍ସର୍ଗତାକୁ ପ୍ରତିଫଳିତ କରୁଛି । ଏହା ଆରଏସପି ରେ ଲାଡେଲ୍ ରିଫ୍ରାକ୍ଟ୍ରି କାର୍ଯ୍ୟଦକ୍ଷତା, କାର୍ଯ୍ୟକ୍ଷମ ଶୃଙ୍ଖଳା ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସରେ ନିରନ୍ତର ଉନ୍ନତିକୁ ମଧ୍ୟ ଉଲ୍ଲେଖ କରେୟ ଉଲ୍ଲେଖନୀୟ ଭାବରେ, ଷ୍ଟିଲ୍ ଲାଡଲ୍ ପରିଚାଳନା ସେଟ୍ ମେସର୍ସ ଆରଏଚଆଇ ମ୍ୟାଗ୍ନେସିଟା ଇଣ୍ଡିଆ ରିଫ୍ରାକ୍ଟୋରିଜ୍ ଲିମିଟେଡ୍ ଦ୍ୱାରା ଯୋଗାଇ ଦିଆଯାଇଥିଲା। ଏହି ଲାଡଲ୍ ୨୦୨୫ ମସିହା ଅକ୍ଟୋବର ୧୫ ତାରିଖରେ ସେବାଭୁକ୍ତ କରାଯାଇଥିଲା ଏବଂ ୨୦୨୬ ମସିହା ଜାନୁଆରୀ ୧୧ ତାରିଖରେ ଏହାର ଅପରେସନ ଶେଷ କରାଯିବା ପୂର୍ବରୁ ସଫଳତାର ସହ ୨୧୦ ହିଟ୍ ସମାପ୍ତ କରିଥିଲା।ଏହି ଉନ୍ନତ ଲାଡଲ୍ ଲାଇଫ ସର୍ବଶ୍ରେଷ୍ଠ ରିଫ୍ରାକ୍ଟ୍ରି ଚୟନ, ଟ୍ୟାପିଂ ଏବଂ ଟିମିଂ ସମୟରେ ମାନକ କାର୍ଯ୍ୟ ପ୍ରଣାଳୀର କଠୋର ପାଳନ, ପ୍ରଭାବଶାଳୀ ସ୍ଲାଗ୍ ନିୟନ୍ତ୍ରଣ ଅଭ୍ୟାସ, ଉନ୍ନତ ତାପମାତ୍ରା ପରିଚାଳନା, ସମୟାନୁସାରେ ରକ୍ଷଣାବେକ୍ଷଣ ହସ୍ତକ୍ଷେପ, କାର୍ଯ୍ୟ, ପ୍ରତିରୋଧକ ଏବଂ ରକ୍ଷଣାବେକ୍ଷଣ ବିଭାଗ ମଧ୍ୟରେ ଗଭୀର ସମନ୍ୱୟ ମାଧ୍ୟମରେ ହାସଲ କରାଯାଇଥିଲା।

ଇଣ୍ଡିକ୍ୟୁବ୍ ଭୁବନେଶ୍ୱରକୁ ସମ୍ପ୍ରସାରିତ
୧୭ ସହରରେ ଉପସ୍ଥିତି ସହିତ ସର୍ବଭାରତୀୟ ସ୍ତରରେ ନିଜର ସ୍ଥିତି ସୁଦୃଢ କଲା

ଭୁବନେଶ୍ୱର, ୧୩।୧ (ନି.ପ୍ର) : ଭାରତର ଅନ୍ୟତମ ଅଗ୍ରଣୀ ପ୍ରଯୁକ୍ତି ସମର୍ଥିତ କାର୍ଯ୍ୟସ୍ଥଳ ସମାଧାନକାରୀ ପ୍ଲାଟଫର୍ମ ଇଣ୍ଡିକ୍ୟୁବ୍ ଭୁବନେଶ୍ୱରକୁ ଏହାର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି, ଏହାଦ୍ୱାରା ସମଗ୍ର ଭାରତରେ ଏହାର ବ୍ୟବସାୟ ପରିଚାଳନା ୧୭ତମ ସହରରେ ପହଞ୍ଚିଛି। ଏହି ଶୁଭାରମ୍ଭ କୋଲକାତା ପରେ ଭୁବନେଶ୍ୱରକୁ ପୂର୍ବ ଭାରତରେ ଇଣ୍ଡିକ୍ୟୁବ୍‌ର ଦ୍ୱିତୀୟ ସହର ଭାବରେ ପ୍ରତିଷ୍ଠିତ କରାଇବା ସହିତ କମ୍ପାନୀର ସର୍ବଭାରତୀୟ ଉପସ୍ଥିତିକୁ ପୁନଃ ସୁଦୃଢ କରିଛି ଏବଂ ନୂତନ ବଜାରଗୁଡିକରେ ପରିମାଣାତ୍ମକ କାର୍ଯ୍ୟସ୍ଥଳ ନିର୍ମାଣ ଦିଗରେ ଏହାର ପ୍ରତିବଦ୍ଧତାକୁ ପୁନଃ ସୁଦୃଢୀକରଣ କରିଛି।

ଏହି ନୂଆ ସେଣ୍ଟର ଭୁବନେଶ୍ୱର ପଟିଆସ୍ଥିତ ଇନ୍‌ଫୋସିଟିରେ ୪୫,୦୦୦ ବର୍ଗମିଟର ପରିମିତ ଅଞ୍ଚଳରେ ଅବସ୍ଥିତ, ଯାହା ଏକ ପ୍ରମୁଖ ବ୍ୟବସାୟିକ ସ୍ଥଳ ଏବଂ ଭୁବନେଶ୍ୱରର ଅନ୍ୟତମ ସର୍ବାଧିକ ପ୍ରସିଦ୍ଧ ବ୍ୟବସାୟିକ ପେଣ୍ଠସ୍ଥଳ ଭାବରେ ପରିଚିତ। ଏହି ସମ୍ପ୍ରସାରଣ ସହିତ ଇଣ୍ଡିକ୍ୟୁବ୍ ଭାରତର ନୂତନ ଉଦ୍ୟୋଗ ଏବଂ ପ୍ରତିଭା ଦୃଶ୍ୟପଟ୍ଟ ସହିତ ମେଳଖୁଆ ଉଚ୍ଚ-ସାମର୍ଥ୍ୟସଂପନ୍ନ ଟିୟର ୨ ସହର ଗୁଡିକରେ ନିଜର ଉପସ୍ଥିତିକୁ ନିରନ୍ତର ଭାବରେ ଅଧିକ ମଜଭୁତ କରୁଛି।

ଏହି ସମ୍ପ୍ରସାରଣ ସମ୍ପର୍କରେ ଉଲ୍ଲେଖ କରି ରିଷି ଦାସ, ସହ-ପ୍ରତିଷ୍ଠାତା ଓ ସିଇଓ, ଇଣ୍ଡିକ୍ୟୁବ୍ କହିଥିଲେ, 'ପୂର୍ବ ଭାରତ ଇଣ୍ଡିକ୍ୟୁବ୍ ପାଇଁ ଏକ ଉଲ୍ଲେଖଯୋଗ୍ୟ ଅଭିବୃଦ୍ଧି ଅଞ୍ଚଳ ଭାବରେ ପ୍ରତିନିଧିତ୍ୱ କରୁଛି ଏବଂ ଭୁବନେଶ୍ୱର ସେହି ଯାତ୍ରାରେ ସ୍ୱାଭାବିକ ଭାବରେ ପରବର୍ତ୍ତୀ ପଦକ୍ଷେପ ହୋଇଛି। ଏହି ସହର ସମ୍ପ୍ରତି ଏକ ପରିବର୍ତ୍ତନ ବିନ୍ଦୁରେ ପହଞ୍ଚିଛି, ଯେଉଁଠି ଆସୁଥିବା ମେଟ୍ରୋ ପ୍ରକଳ୍ପ ଏବଂ ନୀତିଗତ ସମର୍ଥନ ସହିତ ଦୃଢ ଭିତ୍ତିଭୂମି ସହାୟତାରେ ଏହା ଏକ ଭରସାଯୋଗ୍ୟ ଉଦ୍ୟୋଗ ଓ ପ୍ରଯୁକ୍ତି କେନ୍ଦ୍ରସ୍ଥଳ ଭାବରେ ରୂପାନ୍ତରିତ ହେଉଛି। ଏଠାରେ ଆମର ସମ୍ପ୍ରସାରଣ ଏହି ଅଞ୍ଚଳରେ ଏକ ଦମ୍‌ଦାର ଉପସ୍ଥିତି ସୃଷ୍ଟି କରିବା ଏବଂ ଉଦ୍ୟୋଗଗୁଡିକୁ ପାରମ୍ପରିକ ମେଟ୍ରୋ ସହରଗୁଡିକର ଊର୍ଦ୍ଧ୍ୱରେ ଦକ୍ଷତାର ସହିତ ପରିମାଣାତ୍ମକ ଭାବରେ ଅଭିବୃଦ୍ଧି ହାସଲ କରିବା ତଥା ସେହି ସମୟରେ ନୂତନ ପ୍ରତିଭା ବଜାରଗୁଡିକର ସୁଯୋଗ ନେବା ନିମନ୍ତେ ଆମର ଦୀର୍ଘସୂତ୍ରୀ ପ୍ରତିବଦ୍ଧତାକୁ ପୁନଃଦୃଢୀଭୂତ କରୁଛି।

ମେଘନା ଅଗ୍ରୱାଲ, ସହ-ପ୍ରତିଷ୍ଠାତା, ଇଣ୍ଡିକ୍ୟୁବ୍ କହିଥିଲେ, 'ଭୁବନେଶ୍ୱର ଭଳି ଟିୟର-୨ ସହରଗୁଡିକର ଅଭ୍ୟୁଦୟ ଏକ ବୃହତ୍ତର ଭାରତର କାହାଣୀକୁ ପ୍ରତିଫଳିତ କରୁଛି, ଯେଉଁଠାରେ ପ୍ରତିଭା, ଆକାଂକ୍ଷା ଏବଂ ଉଦ୍ୟୋଗଗୁଡିକର ଅଭିବୃଦ୍ଧି ଅଧିକରୁ ଅଧିକ ବିକେନ୍ଦ୍ରୀକରଣ ହେଉଛି। ପରିବର୍ତ୍ତନଶୀଳ ପ୍ରତିଭା ସ୍ଥାନାଟନ ଶୈଳୀ ମଧ୍ୟରେ ସଂସ୍ଥାନଗୁଡିକ ସେମାନଙ୍କର କାର୍ଯ୍ୟସ୍ଥଳର ଅବସ୍ଥିତି ରଣକୌଶଳକୁ ନେଇ ପୁନଃଚିନ୍ତନ କରୁଥିବାବେଳେ ଭୁବନେଶ୍ୱର ଭଳି ଏକ ଅଭିବୃଦ୍ଧିଶୀଳ ସହରରେ ଆମର ଉପସ୍ଥିତି ଇଜ୍ ଅଫ ଡୁଇଂ ବିଜିନେସ୍, କାର୍ଯ୍ୟସ୍ଥଳରେ ଉତ୍ପାଦିକାରେ ବୃଦ୍ଧି କରାଇବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ତାହାସହିତ ଏକ ସ୍ଥିର କର୍ମଚାରୀ ଅନୁଭୂତି ଯୋଗାଇଦେବ।

ଅତୁଳନୀୟ ହାଇ ପର୍ଫରମାନ୍ସ ଡ୍ରାଇଭ୍ : BMW Group India
ଉଚ୍ଚ ଅଭିବୃଦ୍ଧି ଗତି ସହିତ ରେକର୍ଡ-ଭଙ୍ଗ ବାର୍ଷିକ ବିକ୍ରୟ କରିଛି

ଗୁରୁଗ୍ରାମ, ୧୩।୧ (ନି.ପ୍ର): BMW Group India ପୁଣିଥରେ ଏହାର ସର୍ବାଧିକ ବାର୍ଷିକ କାର୍ ବିକ୍ରୟ ପୋଷ୍ଟ କରିଛି। ଏକ ଗତିଶୀଳ ବ୍ୟବସାୟିକ ପରିବେଶରେ ନିରନ୍ତର ଉଚ୍ଚ ପ୍ରଦର୍ଶନ ପଞ୍ଜିକରଣ କରିଛି। କମ୍ପାନୀ କ୍ୟାଲେଣ୍ଡର ବର୍ଷ ୨୦୨୫ ରେ ୧୮,୦୦୧ କାର୍ ବିକ୍ରି କରିଛି, ଯାହା ପୂର୍ବ ବର୍ଷ ତୁଳନାରେ +୧୪% ଉଚ୍ଚ ଅଭିବୃଦ୍ଧି ହାସଲ କରିଛି। BMW ୧୭,୨୭୧ ୟୁନିଟ୍ ଏବଂ MINI ୭୩୦ ୟୁନିଟ୍ ଡେଲିଭର କରିଛି। BMW Motorrad ୫,୮୪୧ ମୋଟରସାଇକେଲ୍ ଡେଲିଭର କରିଛି। ଭାରତୀୟ ଗ୍ରାହକଙ୍କ ମଧ୍ୟରେ ଦୃଢ଼ ମୌଳିକତା ଏବଂ ଉଚ୍ଚ ବ୍ରାଣ୍ଡ ପ୍ରଶଂସାକୁ ସୁଦୃଢ଼ କରି, BMW Group India ଗତ ଚାରି ବର୍ଷ ଧରି ନିରନ୍ତର ଦୁଇ-ଅଙ୍କ ଅଭିବୃଦ୍ଧି ଏବଂ ସର୍ବୋଚ୍ଚ ବିକ୍ରୟ ପ୍ରଦାନ କରିଆସୁଛି। ୨୦୨୫ ରେ, ପ୍ରତି ମାସ ଏବଂ ପ୍ରତ୍ୟେକ ତ୍ରୈମାସିକ ସର୍ବାଧିକ ବିକ୍ରୟ ପ୍ରଦର୍ଶନ ସହିତ ରହିଥିଲା, ଭାରତରେ ହାରାହାରି ଲଗଜରୀ ସେଗମେଣ୍ଟ ତୁଳନାରେ ତ୍ରୈମାସିକ ଅଭିବୃଦ୍ଧି ହାର ଅଧିକ ଥିଲା। ତ୍ରୈମାସିକ ୪ (ଅକ୍ଟୋବର - ଡିସେମ୍ବର) କାର୍ ବିକ୍ରୟ ସର୍ବକାଳୀନ ସର୍ବାଧିକ ୬,୦୨୩ ୟୁନିଟ୍ ଥିଲା ଯାହା +୧୭% ବାର୍ଷିକ ଅଭିବୃଦ୍ଧି ସହିତ ଥିଲା।

BMW Group India ର ସଭାପତି ଏବଂ ସିଇଓ ହରଦୀପ ସିଂହ ବ୍ରାର କହିଛନ୍ତି, ୨୦୨୫ ବର୍ଷ ଇଗଡ ଏକ୍ସକ୍ଲୁଜିଭ ଓଭୟସବ ପାଇଁ ଏପର୍ଯ୍ୟନ୍ତ ସର୍ବାଧିକ ବିକ୍ରୟ ସହିତ ଏକ ରେକର୍ଡ ଭାଙ୍ଗିବା ବର୍ଷ ହୋଇଛି। ଆମେ କାର ବିକ୍ରୟରେ ୧୮,୦୦୦ ୟୁନିଟ୍ ଅତିକ୍ରମ କରିଛୁ ଏବଂ ଆମେ ଲଗଜରୀ ସେଗମେଣ୍ଟର ହାରାହାରି ବୃଦ୍ଧି ହାରଠାରୁ ଅଧିକ +୧୪% ବୃଦ୍ଧି ପାଉଛୁ, ଏହା ଆମ ମୂଲ୍ୟବାନ ଗ୍ରାହକମାନଙ୍କର ଆମ ବ୍ରାଣ୍ଡଗୁଡ଼ିକ ପ୍ରତି ଥିବା ଦୃଢ଼ ଆକାଂକ୍ଷା ଏବଂ ବିଶ୍ୱାସକୁ ପ୍ରତିଫଳିତ କରେୟ ସେଗମେଣ୍ଟଗୁଡ଼ିକ ମଧ୍ୟରେ ବିକ୍ରୟ ବୃଦ୍ଧି ପାଉଛି, ତାହା ଇଣ୍ଟରନାଲ୍ କମ୍ବସନ ଇଞ୍ଜିନ୍ ହେଉ କିମ୍ବା ଇଲେକ୍ଟ୍ରିକ୍ ଭେଇକିଲ୍, ଏସଏଭି କିମ୍ବା ସେଡାନ୍ କିମ୍ବା ଲଙ୍ଗ ହୁଇଲବେସ୍ ମଡେଲ୍। ଲଗଜୁରୀ ଇଲେକ୍ଟ୍ରିକ୍ ସେଗମେଣ୍ଟରେ ଆମର ନେତୃତ୍ୱ କେବଳ ସ୍ଥାୟୀ ଗତିଶୀଳତାକୁ ପ୍ରଗତି ପ୍ରଦାନ ନାହିଁ ବରଂ ଭାରତରେ ଲଗଜୁରୀ କାର୍ ମାର୍କେଟର ଆକାର ବୃଦ୍ଧି କରିବାର ସମ୍ଭାବନାକୁ ମଧ୍ୟ ଉନ୍ମୁକ୍ତ କରୁଛି। ଆଗକୁ ବଢ଼ି, ଆମେ ଆମକୁ ଭିନ୍ନ କରୁଥିବା ଜିନିଷଗୁଡ଼ିକ ଉପରେ ଧ୍ୟାନ ଦେବୁ - ସିୟର ଡ୍ରାଇଭିଂ ପ୍ଲେଜର, ଅତୁଳନୀୟ ଗ୍ରାହକ କେନ୍ଦ୍ରିକତା ଏବଂ ଏକ ଦୃଢ଼ ଡିଲର ନେଟୱାର୍କ ଯାହା

ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଆରମ୍ଭ

ନୟାଗଡ଼, ୧୩।୧ (ନି.ପ୍ର): ନୟାଗଡ଼ ଷ୍ଟାଡିଅମ ପଡିଆ।ରେ ସୋମବାର ଠାରୁ ସୁଭଦ୍ରା ଶକ୍ତି ମେଳା ଆ।ରମ୍ଭ ହୋଇଛି। ମେଳକୁ ବାଚସ୍ପତି ଉଦଘାଟନ କରିବାର ଥିଲା ବିଳମ୍ବରେ ଆ।ସିବାରୁ କନ୍ଧମାଳ ଏମପି ସୁକାନ୍ତ ପାଣିଗ୍ରାହୀ ଉଦଘାଟନ କରିଥିଲେ ମେଳା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବୟ ଜିଲ୍ଲାପାଳ ମଧୁମିତା ରଥଙ୍କ ସଭାପତିତ୍ୱରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି, ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲାପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ଓ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ମୁଖ୍ୟ ଉନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଯୋଗଦେଇଥିଲେ ମେଳାରେ ୧୫୦ ଷ୍ଟଲ ପଡ଼ିଥିଲେ ହେଁ ପ୍ରଚାର ପ୍ରସାର ଅଭାବରୁ ଦର୍ଶକ ଗ୍ୟାଲେରୀ ଖାଁ ଖାଁ ପଡିଥିଲା। ଓଡିଶୀ ନୃତ୍ୟ, ରକଷ୍ଟାର ଡ୍ୟାନ୍ସ, ନାଟରାଜ ଡ୍ୟାନ୍ସ ଆ।ଦି କାର୍ଯ୍ୟକ୍ରମ ପରେ ବି ଷ୍ଟଲରେ ମଧ୍ୟ ଲୋକଙ୍କ ଭିଡ଼ ନଥିଲା ଅପରାହ୍ନ ୨ ଟାରୁ ରାତି ୯ ଟା ପର୍ଯ୍ୟନ୍ତ ମେଳା ଚାଲୁ ରହୁଛି।

ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଅନୁଗୋଳ, ୧୩।୧ (ନି.ପ୍ର) : ଚାଷରେ ବ୍ୟବହୃତ ଜଳର ସୁପରିଚାଳନା ଓ ସୁବିନିଯୋଗ ପାଇଁ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ଜିଲ୍ଲା ଜଳସେଚନ ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ସମାବେଶ ଶୀର୍ଷ ସମିତି ଭବନ, କୁମଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥ୍ୟ ଭାବେ ଯୋଗ ଦେଇ ଚାଷୀମାନେ କିପରି ଜଳର ସୁବିନିଯୋଗ କରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ଆ।ୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆ।ଗ୍ରୋ ଇଣ୍ଡଷ୍ଟିର ବ୍ୟାପକ ସଫଳ ରୂପାୟନ ନିମନ୍ତେ, ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ

ସରକାରୀ ଯୋଜନା ଯେପରି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଓ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ମାଧ୍ୟମରେ ଜନସାଧାରଣ କିପରି ଉପକୃତ ହୋଇପାରିବେ ଷ୍ଟଲ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ସେହିପରି କୃଷି ବିଭାଗ ତରଫରୁ ସି ଏମ୍ କିଷାନ ଓ ପି ଏମ୍ କିଷାନ ଯୋଜନାରେ ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନର ବିବରଣୀ, ଉଦ୍ୟାନ କୃଷି ବିଭାଗ ତରଫରୁ ଶଙ୍କର ଜାତୀୟ ପନିପରିବା ଚାଷ, ଛତୁ ଚାଷ, ଅମଳ ପରବର୍ତ୍ତୀ ଯନ୍ତ୍ର, ସୁରକ୍ଷିତ ଫୁଲ ଚାଷ, ଜୈବିକ ଚାଷ ଏବଂ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଛତୁ ମଞ୍ଜି, ମାଣ୍ଡିଆ। ଚାଷ, ମୃତ୍ତିକା ବିହନ, ଘାସ ଚାଷ, ଡ୍ରାଗନ ଫଳ ଚାଷ, ଆ।ଜୋଲା ଚାଷ, ଜିଆ। ଖତ ଉତ୍ପାଦନର ପ୍ରଚାର ସାର ସମ୍ପର୍କରେ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏତଦବ୍ୟତୀତ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଉନ୍ନତ କୃଷି ପ୍ରଣାଳୀ ବିଷୟରେ ୩ ଗୋଟି ମଡେଲ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ, ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧୂ ଶ୍ରୀ ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧୂ ଶ୍ରୀ ଚୌଧୁରୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ବ୍ରାହ୍ମଣୀ ଅବବାହିକା ସମଲର ମୁଖ୍ୟଯନ୍ତ୍ରୀ ଇ.ହୃଦାନନ୍ଦ ମଲ୍ଲିକ, କୁମଣ୍ଡ ଶୀର୍ଷ କମିଟି ଅଧକ୍ଷ ଶ୍ରୀ ନିର୍ମଳ କୁମାର ସାମନ୍ତ, ସାଫୁଆ। ଶୀର୍ଷ କମିଟି ଅଧକ୍ଷ ଶ୍ରୀ ପ୍ରେମାନନ୍ଦ ପଟ୍ଟନାୟକ, ମୁଖ୍ୟ ଜିଲ୍ଲା ପଶୁ ସମ୍ପଦ ଅଧିକାରୀ ଡ.ସତ୍ୟ ନାରାୟଣ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀ, କୃଷକ, ଛାତ୍ର ଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଗୋଳ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇ. ସମ୍ୟକ ବିକାଶ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଭୋଗୀ ପାଳିତ

ଗଞ୍ଜାମ, ୧୩।୧ (ନି.ପ୍ର): ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଭୋଗୀ ପାଳିତ ହୋଇଯାଇଛି। ପୂର୍ବ ବିଳମ୍ବିତ ରାତ୍ରରେ ଯୁବ ଗୋଷ୍ଠି କାଠ ଗଣ୍ଡି ସଂଗ୍ରହ କରି ମା ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟରେ ସେଥିରେ ଅଗ୍ନି ସଂଯୋଗ କରିଥିଲେ। ଏହା ଏକ ପ୍ରାଚୀନ ପରମ୍ପରା ହୋଇଥିବା ରୁ ଗ୍ରାମବାସୀ ସେଠାରେ ଭିଡ଼ ଜମିଥିଲା।ଗଞ୍ଜାମ ବ୍ଲକରେ ରହିଥିବା ବିଭିନ୍ନ ଗ୍ରାମରେ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଏପରି କାଠ ଗଣ୍ଡି ଜାଳି ଭୋଗୀ ପାଳନ କରାଯାଇଥିବା ଲକ୍ଷ କରାଯାଇଥିଲା। ଭୋଗୀ ସ୍ଥଳରେ ପହଞ୍ଚି ବ୍ୟକ୍ତି ମାନେ ପାଉଁଶ କୁ ମଥାରେ ମାରୁଥିବା ଦେଖିବାକୁ ମିଳିଥିଲା।

ଜଳସେଚନ କାର୍ଯ୍ୟାଳୟ ଘେରିଲା ଅଲ ଇଣ୍ଡିଆ ମୂଳ ନିବାସୀ

ପିପିଲି,୧୩।୧ (ନି.ପ୍ର): ସାକ୍ଷୀଗୋପାଳ ବ୍ରାଞ୍ଚ କେନାଲ ଉପରେ ଜୋର ଜବରଦସ୍ତ ବେଆ।ଇନ ଭାବେ ୫ଟି ଅସ୍ଥାୟୀ ପୋଲ ନିର୍ମାଣ କରି ବାଲି ଚୋରାଚାଲଣ କରାଯାଉଥିବା ଅଭିଯୋଗ ଆ।ଣି ଅଲ୍ ଇଣ୍ଡିଆ। ମୂଳ ନିବାସୀ ମହାସଙ୍ଘ ପିପିଲି ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରତିବାଦ କରିବା ସହ ସ୍ଥାନୀୟ ବିଧାୟକ ଆ।ଶ୍ରୀତ ପଟ୍ଟନାୟକ ଓ ସାଂସଦ ଡା.ସମ୍ବିତ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରିଛି ମହାସଂଘ। ଫୁଲପାଳ ଠାରୁ ପାରିଚଁର ପର୍ଯ୍ୟନ୍ତ ଏକାଧିକ ବେଆ।ଇନ ପୋଲ ନିର୍ମାଣ ପରେ ଭାର୍ଗବୀ ନଦୀ ରୁ ବେଆ।ଇନ ଭାବେ କୋଟି କୋଟି ଟଙ୍କା ର ବାଲି ଚୋରା ଚାଲାଣ କରାଯାଉଥିବା ନେଇ ବାରମ୍ବାରଅଭିଯୋଗ ହୋଇଛି। ସେମାନଙ୍କ ବିରୁଦ୍ଧ ରେ କିଛି କାର୍ଯ୍ୟନୁଷ୍ଠାନ ନହେବାରୁ ଅଲ ଇଣ୍ଡିଆ। ମୂଳ ନିବାସୀ ମହାସଙ୍ଘ ରାଜ୍ୟ ସଭାପତି ବିଜୟ ସେଠାଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ପିପିଲି ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ପିପିଲି ଲକ୍ଷ୍ମୀନାରାୟଣପୁର ଠାରେ ଜଳସମ୍ପଦ ବିଭାଗ କେନାଲ ଉପରେ ଜୈନିକ ବ୍ୟକ୍ତି ବେଆ।ଇନ ଭାବେ ୫ଟି ପୋଲ ନିର୍ମାଣ କରିବା ସହ ବେଆ।ଇନ ବାଲି ଚାଲାଣ କରୁଛି। ଏସମ୍ପର୍କରେ ପ୍ରଶାସନ କୁ ବାରମ୍ବାର ଅଭିଯୋଗ ପରେ ବି ସ୍ଥାନୀୟ ଅଧିକାରୀ ସବୁ ଜାଣିଶୁଣି ଚୁପ୍ ବସିଥିବା ମହାସଂଘ ଅଭିଯୋଗ କରିଛି ଯ ଅନ୍ୟ ଅଭିଯୋଗ ଡେଲାଙ୍ଗ ବ୍ଲକ ଗଡ଼ ମୋଟରୀ ପଞ୍ଚାୟତ ଗଣ୍ଡପଡ଼ା ଗ୍ରାମର ଶତାଧିକ ବାର୍ଦ୍ଧକ୍ୟ ଭତ୍ତାରେ ଅନିୟମିତତା କରିଥିବା ତତ୍କାଳୀନ ବିଏଲଓ ଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ମହାସଂଘ ଦାବୀ କରିଛି। ତେବେ ଧାରଣା ପ୍ରତିବାଦ ଚାଲିଥିବା ବେଳେ ଘଟଣା ସ୍ଥଳରେ ଅତିରିକ୍ତ ଏସପି ସଚିନ୍ ପଟେଲ ଓ ସ୍ଥାନୀୟ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ପହଞ୍ଚି ଆ।ନ୍ଦୋଳନ କାରୀଙ୍କ ସହ ଆ।ଲୋଚନା ପରେ ଆ।ନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।ଏହି ଅବସରରେ ଅତିରିକ୍ତ ଆ।ରକ୍ଷୀ ଅଧିକ୍ଷକ ଙ୍କୁ ମହାସଂଘ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦୁଇ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଯଦି ଆ।ଗାମୀ ୭୨ଘଣ୍ଟା ମଧ୍ୟରେ ପ୍ରଶାସନ ଦାବୀ ପୂରଣ ନକରେ ତେବେ ମହାସଂଘ ର ଶହଶହ ମହିଳା ପୁରୁଷ ରାଜ୍ୟଭବନ ଆ।ଗରେ ଧାରଣା ଦେବେ ବୋଲି ରାଜ୍ୟ ସଭାପତି ବିଜୟ ସେଠୀ ଚେତାବନୀ ଦେଇଛନ୍ତି।

ଲାୟନ୍ସ କ୍ଲବ ଓ ଜଳେଶ୍ୱର ପୋଲିସର ମିଳିତ ସହଯୋଗରେ ହେଲମେଟ ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର,୧୩/୧(ନିପ୍ର)-ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଆ।ଜି ଜଳେଶ୍ୱର ଲାୟନ୍ସ କ୍ଲବ ଏବଂ ଜଳେଶ୍ୱର ପୋଲିସର ମିଳିତ ସହଯୋଗରେ ଜନସାଧାରଣ ମାନଙ୍କ ମଧ୍ୟରେ ହେଲମେଟ ସଚେତନତା କାର୍ଯ୍ୟକ୍ରମ ଜଳେଶ୍ୱର ବଡ଼ ବଜାର ଛକ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଜଳେଶ୍ୱର ଏସ. ଡି.ପି.ଓ ସୁବ୍ରତ ବେହେରା, ଆ।ଇ.ଆ।ଇ.ସି ଅଶୋକ କୁମାର ବାରିକ ଏବଂ ପୋଲିସ ଅଧିକାରୀ କର୍ମଚାରୀ ମାନେ ସହଯୋଗ କରିଥିଲେ। ଲାୟନ୍ସ କ୍ଲବ୍ ପକ୍ଷରୁ କିଛି ବାଇକ୍ ଆ।ରୋହୀଙ୍କୁ ମାଗଣାରେ ହେଲମେଟ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳକ ଲାୟନ୍ ଅମଲ୍ କୁମାର୍ ମଣ୍ଡଳ ଏବଂ ଲାୟନ୍ସ କ୍ଲବ୍ ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ସେକ୍ ସବିର, ବିଷ୍ଣୁପଦ ମହାନ୍ତି, ବିବେକ ଜୈନ, ଯୋଗେଶ ରାଠି, ବିନୋଦ କୁମାର୍ ସାହୁ, ଗିରିଜା ଶଙ୍କର ଦାସ, ଦିପେନ୍ଦୁ କର, ସମୀର ନନ୍ଦୀ, ମୁନେସ ଅଗ୍ରୱାଲ, ସେକ ସୈଫୁଦ୍ଦିନ, ଭବେଶ ପ୍ରମୁଖ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ଉଦଯାପିତ

କେନ୍ଦ୍ରାପଡା, ୧୩।୧ (ନି.ପ୍ର) : କେନ୍ଦ୍ରାପଡା ଜଳସେଚନ ବିଭାଜନ ପକ୍ଷରୁ ଜଣ୍ଡିଲେ। ଜଳସେଚନ ଡାକବଙ୍ଗଳା ପରିସରରେ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ-୨୦୨୬ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ଉମେଶ ଚନ୍ଦ୍ର ସେଠୀ ଅଧକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର. ଆୟାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ଜିଲ୍ଲାପରିଷଦ ସଦଶ୍ୟ ରଶ୍ମିରଞ୍ଜନ ରାଉତ, ନିର୍ମଳା ମହାନ୍ତି, ଜିଲ୍ଲା ମୁଖ୍ୟ ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଉଠା ଜଳସେଚନର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସ୍ୱାଇଁ, ଡ୍ରେନେଜ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ବିଜୟ ସେଠୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ନିର୍ମଳ କୁମାର ଜେନା, ଉଦ୍ୟାନ କୃଷି ଅଧିକାରୀ ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା

ପ୍ରଚଳିତ ପାଣି ପଞ୍ଚାୟତ ଯୋଜନାକୁ ଗଣତାନ୍ତ୍ରିକ ପଦ୍ଧତିରେ ସଫଳ ଓ ଦୀର୍ଘ ସ୍ଥାୟୀ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିବା, ଜଳ ବଣ୍ଟନ ଜନିତ ବିବାଦର ଗଣତାନ୍ତ୍ରିକ ପଦ୍ଧତିରେ ଆପୋଷ ସମାଧାନ କରିବା ସମ୍ପର୍କରେ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଫସଲ ବିବିଧକରଣ, ଅର୍ଥକରୀ ଫସଲ ଯଥା ଡାଲି ଜାତୀୟ ଫସଲ ଉତ୍ପାଦନ, ଜଳବାୟୁ ଅନୁକୂଳ, ଚାଷ ପଦ୍ଧତି ଏବଂ ସମନ୍ୱିତ ଚାଷ ପଦ୍ଧତି ଉପଯୋଗ କରିପାରିଲେ କୃଷକମାନେ ନିଜ ଜୀବିକାର ମାନ ବୃଦ୍ଧି କରିପାରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ବ୍ରାଜିଲ ଭଳି ଦେଶର କୃଷକମାନେ ଚଣା ବା ଡାଲି ଜାତୀୟ ଫସଲ ଉତ୍ପାଦନ କରି ବିଦେଶକୁ ରପ୍ତାନି କରନ୍ତି ଓ ନିଜର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିପାରିଛନ୍ତି ବୋଲି ତାଙ୍କ ଅଭିଭାଷରେ କହିଥିଲେ। ସହାଭାଗୀ ଜଳସେଚନ ପରିଚାଳନା ମାଧ୍ୟମରେ ସମସ୍ତ ପାଣି ପଞ୍ଚାୟତର ସଦଶ୍ୟମାନେ ମିଳିମିଶି ସେଚ ଅଞ୍ଚଳରେ ସୁଷମ ତଥା ସମାନୁପାତିକ ଜଳବଣ୍ଟନକୁ ଗୁରୁତ୍ୱ ଦେବା, ସେଚ ଅଞ୍ଚଳରେ ଥିବା କ୍ଷେତ୍ର ନଳୀ ଓ ନିଷ୍କାସନ ନଳୀ ଇତ୍ୟାଦିର ରକ୍ଷଣାବେକ୍ଷଣ, ଖରିଫ ଋତୁର ବଳକା ଜଳକୁ ସଞ୍ଚୟ କରି ରବି ଋତୁରେ ଉପଯୋଗ ନିମନ୍ତେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୃତ୍ତିକା ସରଂକ୍ଷଣ ଓ ଏହାର ଉର୍ବରତା ତଦାରଖ ନିମନ୍ତେ ଚାଷୀମାନେ ପ୍ରାକୃତିକ ସାରର ବ୍ୟବହାରକୁ ଗୁରୁତ୍ୱ ଦେବା ଆବଶ୍ୟକ। ଆୟୋଜିତ ଏହି ଦିବସ ଉପଲକ୍ଷେ ଜଳସେଚନ ବିଭାଜନ ପକ୍ଷରୁ ଜିଲ୍ଲାସ୍ତରୀୟ ରଚନା, କୁଇଜ, ଚିତ୍ରକଳା, ବକୃତା ଓ ମଡେଲ ପ୍ରତିଯୋଗିତାର ୧୪ ଜଣ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୩୦୦୦, ୨୫୦୦, ୨୦୦୦ ଟଙ୍କାର ଅର୍ଥ ରାଶି ସହ ପ୍ରମାଣ ପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ, ପାଣି ପଞ୍ଚାୟତ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଭାବଗ୍ରାହୀ କଳା ନିକେତନ ସମ୍ପାଦକ ବିମଳ ପ୍ରସାଦ ପରିଡା ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର କଳାକାର ମାନେ ସ୍ୱାଗତ ସଂଗୀତ, ବନ୍ଦେ ମାତରଂ ସଂଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଖଳିସାହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଫାଇନାଲରେ ତମାଣ୍ଡୋ କ୍ରିକେଟ ଟିମ

ଖଣ୍ଡପଡ଼ା, ୧୩।୧ (ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଡ଼ ପଡ଼ିଆ।ରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ତମାଣ୍ଡୋ କ୍ରିକେଟ କ୍ଲବ । ଆ।ଜି ଟସ ଜିତି ତମାଣ୍ଡୋ କ୍ରିକେଟ ଟିମ ୧୮ ଓଭରରେ ୭ ୱିକେଟ ହରାଇ ୨୨୩ ରନର ବିଶାଳ ସ୍କୋର କରିଥିଲା। ଜବାବରେ ମେଣ୍ଢାଶାଳ କ୍ରିକେଟ ଟିମ ୧୮ ଓଭରରେ ୭ ୱିକେଟ ହରାଇ ୧୫୪ ରନରେ ସୀମିତ ରହିଥିଲା। ବିଜୟୀ ଦଳର ମନୋଜ ବେହେରା ୩୩ ଟି ବଲରୁ ୬ଟି ଚୌକା ଓ ୪ ଟି ଛକା ସହଯତାରେ ୬୪ ରନ ଏବଂ ବୋଲିଂରେ ୨ ୱିକେଟ ଅକ୍ତିଆ।ର କରିବା ସହିତ ଦିନର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ

ମୁଖ୍ୟଅତିଥି ଭାବେ ସମାଜସେବୀ ସୁଦର୍ଶନ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଡାକ୍ତର ମାନସ କୁମାର ସାହୁ ଯୋଗଦେବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆ।ଜିର ଖେଳକୁ ଦୀପକ ସାହୁ ଏବଂ ରବିନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ।ଆ।ସନ୍ତାକାଲି ବାଙ୍କୀ ପାଓ୍ୱାର କିଙ୍ଗ ଏବଂ ତମାଣ୍ଡୋ କ୍ରିକେଟ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆ।ୟୋଜକଙ୍କ ସୂତ୍ରରୁ ସୂଚନା ଦିଆ।ଯାଇଛି।

ତୃଣକ ପରିଚାଳନା ଓ କୃଷି ପାଣିପାଗ ସମ୍ବନ୍ଧୀୟ ସଚେତନତା ଶିବିର

ଜଗତସିଂହପୁର, ୧୩।୧ (ନି.ପ୍ର): ସର୍ବଭାରତୀୟ ସମନ୍ୱିତ କୃଷି ଜଳବାୟୁ ପ୍ରକଳ୍ପ,ସର୍ବଭାରତୀୟ ସମନ୍ୱିତ ତୃଣକ ପରିଚାଳନା ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ମିଳିତ ପ୍ରୟାସରେ ସଂପ୍ରତି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ କୁଜଙ୍ଗ ବ୍ଲକର ବାଗୋଇ ଗ୍ରାମରେ ଅନୁସୂଚିତ ଜାତି ଉପଯୋଜନା ଆ।ନୁକୂଲ୍ୟରେ ଏକ କୃଷକ ସଚେତନତା ଶିବିର ତଥା କୃଷି ସାମଗ୍ରୀ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ୭୦ଜଣ ଅନୁସୂଚିତ ଜାତିର କୃଷକ ଓ କୃଷି ମହିଳା ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼ ଜୀବନଜିତ୍ ସେନ୍ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ

ଓ.ୟୁ.ଏ.ଟି କୃଷି ପାଣିପାଗ ପ୍ରକଳ୍ପ ର ମୁଖ୍ୟ ପ୍ରଫେସର୍ ଡ଼ ତୁଷାର ରଞ୍ଜନ ମହାନ୍ତି,କୃଷି କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ତଥା ଏହାର ସଫଳ ମୁକାବିଲା ପାଇଁ ଓ.ୟୁ.ଏ.ଟି ଦ୍ୱାରା ଜାରି କରାଯାଉଥିବା ସାପ୍ତାହିକ ପାଣିପାଗ ଭିତ୍ତିକ କୃଷି ପରାମର୍ଶକୁ ଗ୍ରହଣ କରି ଚାଷକାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଖିଳ ଭାରତୀୟ ସମନ୍ୱିତ ତୃଣକ ପରିଚାଳନା ଗବେଷଣା ପ୍ରକଳ୍ପ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ମୁଖ୍ୟ ବୈଜ୍ଞା

ଆଇକନିକ୍ ସ୍ପୋର୍ଟସ ଫେଡରେସନ କଟକ ଚାପ୍ଟର ଉଦଘାଟିତ

କଟକ, ୧୩।୧ (ନି.ପ୍ର.): ଆଇକନିକ୍ ସ୍ପୋର୍ଟସ ଫେଡରେସନର କଟକ ଚାପ୍ଟର ଆଜି (ସୋମବାର) ଉଦଘାଟିତ ହୋଇଯାଇଛି। ଲିଙ୍କରୋଡସ୍ଥିତ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଚାପ୍ଟରର ସଭାପତି ତଥା ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ଆଇଏସଏଫ୍ ନିର୍ଦ୍ଦେଶକ ଡଃ ସଞ୍ଜୟ ଚୌଧୁରୀ, ରାଜ୍ୟ

କାର୍ଯ୍ୟକାରୀ କମିଟି ସଦସ୍ୟ ମାନସ ରଞ୍ଜନ ମହାନ୍ତି, ରିଜିଓନାଲ ମ୍ୟାନେଜର ଦର୍ଶନ କୁମାର ବେହେରା, କଟକ ଜିଲ୍ଲା ସମ୍ପାଦକ ବିଜୟ ମିଶ୍ର, ଜିଲ୍ଲା ଆବାହକ ସନ୍ତୋଷ କୁମାର ସାହୁ, କାର୍ଯ୍ୟକାର ସଦସ୍ୟ ବିଷ୍ଣୁ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ନୂତନ ଚାପଟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଥିଲେ। ଏହା ଦେଶର ପ୍ରଥମ କର୍ପୋରେଟ ସ୍ପୋର୍ଟସ ଫେଡରେସନ ଏବଂ ତୃଣମୂଳ ସ୍ତରରେ ପ୍ରତିଭା ମାନଙ୍କୁ କ୍ରୀଡା ପ୍ରତି ଆକୃଷ୍ଟ କରି ରାଜ୍ୟ ଓ ଜାତୀୟସ୍ତରରେ କ୍ରୀଡାର ପ୍ରସାର ତଥା ବିକାଶ ଦିଗରେ କାର୍ଯ୍ୟ କରିବାକୁ ଫେଡରେସନ ପ୍ରତିବଦ୍ଧ ବୋଲି କହିଥିଲେ। ଏଥିସହ ଯୁବବର୍ଗଙ୍କୁ କ୍ରୀଡା ଜରିଆରେ ଶାରୀରିକ ଭାବରେ ମଜଭୁତ କରି ଗଢି ତୋଳିବାକୁ ଏହା ଲକ୍ଷ୍ୟ ରଖିଛି। ବିଶେଷ କରି ରାଜ୍ୟର କ୍ରୀଡାବିତଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇ ସେମାନଙ୍କୁ ଆନ୍ତର୍ଜାତିକ ସ୍ତରରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ପ୍ରସ୍ତୁତ କରିବା ଦିଗରେ ଆଇଏସଏଫ୍ କାର୍ଯ୍ୟ କରିବ।

ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଯାଜପୁର, ୧୩।୧ (ନି.ପ୍ର.): ଜଳସମ୍ପଦ ବିଭାଗ ପକ୍ଷରୁ ଯାଜପୁର ବ୍ୟାସନଗର ସ୍ଥିତ ଟାଉନ ହଲଠାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୬ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ କୁମାର ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ ମହାପାତ୍ର, ଯାଜପୁର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ଜାରକା ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ ଯୋଗ ଦେଇଥିଲେ। ମାନ୍ୟବର ସାଂସଦ ଡ଼ା. ବେହେରା କହିଥିଲେ ଯେ କୃଷିର ବିକାଶରେ ପାଣି ପଞ୍ଚାୟତର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀ ମଧ୍ୟ ନଦୀ ସଂଯୋଗୀକରଣ ଉପରେ ଯୋଜନା କରିଥିଲେ।

ଯାଜପୁରର ନଦୀଗୁଡ଼ିକରେ ବ୍ୟାରେଜ ନିର୍ମାଣ ସହ ଜାତୀୟ ଜଳପଥ-୫ କୁ ସଂଯୋଗ କରିବା ପାଇଁ ସରକାର ଯୋଜନା କରୁଛନ୍ତି ଏବଂ ଏହା ଆଗାମୀ ଦିନରେ କାର୍ଯ୍ୟକାରୀ ହେବ। ଏହାସହ ବ୍ରିଟିଶ ଅମଳର କେନାଲଗୁଡ଼ିକୁ ପୁନରୁଦ୍ଧାର କରି ଜଳସେଚନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି ସାଂସଦ କହିଥିଲେ। ଆଣ୍ଡାମାନ ନିକୋବାରରେ ଜଳର ସୁପରିଚାଳନାର ଉଦାହରଣ ଦେଇ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ସାଂସଦ ଡ଼ା. ବେହେରା ଗୁରୁତ୍ୱ ଦେଇଥିଲେ। କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ ପାଣି ପଞ୍ଚାୟତର ଆବଶ୍ୟକତା ସମ୍ପର୍କରେ ବୁଝାଇବା ସହ ରେଙ୍ଗାଲି କେନାଲ କାର୍ଯ୍ୟକାରୀ ହେବା ପରେ କୋରେଇର ଏକ ବୃହତ ଅଞ୍ଚଳ

ଲାଭବାନ ହେବ ବୋଲି କହିଥିଲେ। ଏହାସହ ଆଗକୁ ପ୍ରାୟ ୩୦୦ କୋଟି ଟଙ୍କାର ଟେଣ୍ଡର ହେବା ପାଇଁ ଯାଉଛି, ଯାହା ଦ୍ୱାରା କୋରେଇ ଏବଂ ଘସିପୁରା ଅଞ୍ଚଳବାସୀ ଜଳସେଚନ ସୁବିଧା ପାଇବେ। ବାର ମାସ ଅର୍ଥକାରୀ ଫସଲ ଉତ୍ପାଦନ କରି ଚାଷୀ ମାନେ କିଭଳି ଜଣେ ବ୍ୟବସାୟୀ ଏବଂ କୃଷି ଉଦ୍‌ୟୋଗୀ ହୋଇପାରିବେ, ସେ ଉପରେ ବିଧାୟକ ଗୁରୁତ୍ୱ ଦେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଣି ପଞ୍ଚାୟତର ସଚେତନତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜଳ, ମୃତ୍ତିକା ଭଳି ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ସୁପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପାଣିର ଅଭାବକୁ ଦୂର କରି ସଠିକ୍ ବିନିଯୋଗ କରିବା ପାଇଁ ଜିଲ୍ଲାରେ ପାଣି ପଞ୍ଚାୟତମାନ ଗଠନ କରାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା ପାଣି ପଞ୍ଚାୟତ ଦ୍ୱାରା କିଭଳି କୃଷିର ବିକାଶ ହେଉଅଛି, ସେ ସମ୍ପର୍କରେ ବୁଝାଇଥିଲେ। ସେହିଭଳି ମଞ୍ଚାସୀନ ଅତିଥିମାନେ ପାଣି ପଞ୍ଚାୟତର ଗୁରୁତ୍ୱ ଏବଂ କାର୍ଯ୍ୟକାରିତା ଉପରେ ସୁଚିନ୍ତିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କୃଷି ବୈଜ୍ଞାନିକ ସୁନିଲ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସୁଧାଂଶୁ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ବିପିନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ୍ ହଲ୍ ପରିସରରେ ମତ୍ସ୍ୟ ସମ୍ପଦ, ଆଗ୍‌ରୋ ଇଣ୍ଡଷ୍ଟ୍ରିଜ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଉଠା ଜଳସେଚନ ବିଭାଗ, ବୃହତ୍ ଉଠା ଜଳସେଚନ ସମ୍ବନ୍ଧୀୟ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଅଗ୍ନିକାଣ୍ଡ ଘଟି ଜଳିଗଲା ଧାନ ଗଦା

ଗଞ୍ଜାମ, ୧୩।୧ (ନି.ପ୍ର.): ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତ ବରୋଦା ଗ୍ରାମର ଖଳାରେ ମଙ୍ଗଳବାର ଅପରାହ୍ନରେ ହଟାତ ନିଆଁ ଲାଗିଯାଇଥିଲା। ଫଳରେ ଖଳାରେ ଅମଳ କରିବାକୁ ଗଦା କରାଯାଇଥିବା ୩୫ ଭରଣ ଜମିର ଧାନ ସମ୍ପୂର୍ଣ୍ଣ ଜଳି ପୋଡି ନଷ୍ଟ ହୋଇ ଯାଇଥିବା ଜଣା ପଡିଛି। ନିଆଁ ଲାଗିବା ଖବର ପାଇ

ଛତ୍ରପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ପ୍ରାୟ ଦୁଇଘଣ୍ଟା ପରେ ନିଆଁ କୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ସେତେବେଳକୁ ଗ୍ରାମର ଜମିଲା ରାଉତ, ମହେଶ୍ୱର ସ୍ୱାଇଁ, ନରସିଂହ ସ୍ୱାଇଁ, ନନ୍ଦିନୀ ରାଉତ, ଗଙ୍ଗା ପରିଡା, ଆଦିତ୍ୟ ରାଉତ, ଲୋକନାଥ ରେଡି, ଜମ୍ବୁ ମହାନ୍ତିଙ୍କର ଧାନ ସବୁ ପୋଡି ପାଉଁଶ ହୋଇ ଯାଇଛି। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ,ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ସରପଞ୍ଚ ମମତା ବେହେରା, ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ପ୍ରମୁଖ ବରୋଦା ଗ୍ରାମ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପୋଡ଼ିଯାଇଥିବା ସମସ୍ତ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀ ଏବଂ ପ୍ରକୃତ ଚାଷୀ ହୋଇଥିବା ହେତୁ ସେମାନଙ୍କୁ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ କ୍ଷତି ପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଅଂଚଳ ବାସି ଦାବି କରିଛନ୍ତି।

ହଟକେଶ୍ୱର ଅତ୍ରି ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ

ଖୋର୍ଦ୍ଧା, ୧୩।୧: ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘ ମାରୀ ପଂଚାୟତରେ ଥିବା ପ୍ରସିଦ୍ଧ ଶୈବ ପୀଠ ହଟକେଶ୍ୱର ମହାଦେବ ଅତ୍ରି ମକର ମହୋତ୍ସବ ୨୦୨୬ ଚଳିତ ଜାନୁୟାରୀ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ମହା ସମାରୋହରେ ପାଳିତ କରାଯିବ। ପବିତ୍ର ମକର ମେଳା ମହୋତ୍ସବରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣ ରୁ ହଟକେଶ୍ୱର ମହାଦେବଙ୍କୁ ଦର୍ଶନ ପାଇଁ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଅଗ୍ନିଶମ ସେବା ବ୍ୟବସ୍ଥା, ସୁସ୍ଥ ପରିମଳ ବ୍ୟବସ୍ଥା, ଭକ୍ତ ଓ ଯାତ୍ରୀ ମାନଙ୍କ ଯାତାୟତର ସୁବିଧା ନିମନ୍ତେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ବ୍ୟବସ୍ଥା କୁ ତ୍ୱରାନ୍ୱିତ କରାଯାଇଅଛି। ଅତ୍ରି ଉଷ୍ଣ ପ୍ରସବଣ ଓଡ଼ିଶା ର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ପର୍ଯ୍ୟଟକ ଓ ଭକ୍ତଙ୍କ ସୁଚାରୁରୂପେ ଦର୍ଶନ ନିମନ୍ତେ ହଟକେଶ୍ୱର୍ ଅତ୍ରି ମହୋତ୍ସବ କମିଟି ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ରତୁରାଜ, ମାନ୍ୟବର ବିଧାୟକ ବେଗୁନିଆ ପ୍ରଦୀପ କୁମାର ସାହୁ,ମହୋତ୍ସବ କମିଟି ସଂଯୋଜକ ବ୍ଲକ୍ ଉନ୍ନୟନ ଅଧିକାରୀ, ବେଗୁନିଆ, ଆବାହକ ସଦସ୍ୟ ତାହସିଦାର, ବେଗୁନିଆ ଏହି ମହୋତ୍ସବ ଶାନ୍ତି, ଶୃଙ୍ଖଳା, ଭାଇଚାରା, ସମ୍ପ୍ରୀତି ବାତାବରଣ ମଧ୍ୟରେ ଆନନ୍ଦ ଉଲ୍ଲାସ ଓ ଆଧ୍ୟାତ୍ମିକ ସହ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତ।।

ଆଜିଠୁ କିଟ୍‌ରେ ଚେସ୍ ମହାକୁମ୍ଭ

ଭୁବନେଶ୍ୱର, ୧୩।୧ (ନି.ପ୍ର.):: ଜାନୁଆରୀ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ କିଟ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍) ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ। ଭାରତରେ କିଟ୍‌ରେ ପ୍ରଥମ ଥର ଲାଗି ଚେସ୍‌ର ଏଭଳି ମହାକୁମ୍ଭ ଅନୁଷ୍ଠିତ ହେବାକୁ ଯାଉଛି। ଅନ୍ତର୍ଜାତୀୟ ଚେସ୍ ସଂଘ (ଏଫ୍‌ଆଇଡିଇ) ଓ ଭାରତୀୟ ଚେସ୍ ସଂଘ (ଏଆଇସିଏଫ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଚେସ୍‌ର ଏହି ମହାକୁମ୍ଭରେ ଏଫ୍‌ଆଇଡିଇର ସଭାପତି ତଥା ରାଷ୍ଟ୍ର ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଆର୍କାଡି ଡଭୋର୍କୋବିଚ୍, ଏଫ୍‌ଆଇଡିଇର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦ, ଏଫ୍‌ଆଇଡିଇର ଡେପୁଟି ଚେୟାର ତଥା ଲଭିଆର ପ୍ରକ୍ତନ ଅର୍ଥମନ୍ତ୍ରୀ ଦାନା ରେଜନିସ୍, ଏଆଇସିଏଫ୍ ସଭାପତି ନିତିନ ନାରଙ୍ଗ, ସମ୍ପାଦକ ଦେବ ପଟେଲ୍‌ଓ ଇଭେଣ୍ଟ କମିସନ୍ ସଦସ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କିଟ୍ ପରିସରରେ ଥିବା ଇଣ୍ଟରନ୍ୟାସନାଲ୍ ଚେସ୍‌ହଲ୍ ଓ ଚେସ୍ ଗ୍ରାଉଣ୍ଡକୁ ବିଶ୍ୱନାଥନ ଆନନ୍ଦ ଉଦ୍‌ଘାଟନ କରିବେ। ଉଭୟ କିଟ୍ କ୍ୟାମ୍ପସ୍‌ଓ ହୋଟେଲ୍ ମେ ଫେୟାରରେ ଏହି କାର୍ଯ୍ୟକ୍ରମ ଚଳିବ।

ଏହିମେଗା ଇଭେଣ୍ଟରେ ଭାରତର ୮୦ ଚେସ୍ ତାରକାଙ୍କ ସମେତ ବିଶ୍ୱର ୪୦ଟି ଦେଶର ବିଶିଷ୍ଟ ଚେସ୍ ତାରକା ଯୋଗ ଦେଉଛନ୍ତି। ଏହା ସହିତ ମୋଟ ୫ହଜାର ୨ଶହ ଅଂଶଗ୍ରହଣ କରୁଥିବା ବେଳେ ଭାରତର ୫ହଜାର ଚେସ୍‌ଖେଳାଳି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏଥିରେ ଖୁସିବ୍ୟକ୍ତ କରି ଶ୍ରୀ ସାମନ୍ତ କହିଛନ୍ତି, ଭାରତରେ କିଟ୍ ରେ ପ୍ରଥମ ଥର ପାଇଁ ଏଭଳି ମେଗା କାର୍ଯ୍ୟକ୍ରମ ହେବା ନିଶ୍ଚିତ ଭାବେ ଓଡ଼ିଶା ପାଇଁ ଗୌରବର ବିଷୟ। ଏହା ଦ୍ୱାରା ଓଡ଼ିଶାର ଖେଳାଳିମାନେ ବିଶେଷ ସୁଯୋଗ ପାଇବା ସହ ସେମାନଙ୍କ ପାଇଁ ଏହା ଉଦାହରଣ ହୋଇ ରହିବ ବୋଲି ସେ କହିଛନ୍ତି। ଶ୍ରୀ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କିଟ୍ ଓ କିସ୍ ଦୀର୍ଘ ଦିନରୁ ଚେସ୍‌ର ବିକାଶ ଦିଗରେ କାର୍ଯ୍ୟ କରିଆସୁଛନ୍ତି।

ପିଏମ ଶ୍ରୀ ବି.ଏମ. ବାଗୁରାଇ ସରକାରୀ ହାଇସ୍କୁଲରେ ବାର୍ଷିକ ଉତ୍ସବ

ଭଦ୍ରକ, ୧୩।୧ (ନି.ପ୍ର.): ପିଏମଶ୍ରୀ ବିନ୍ଦୁମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା କୁମ୍ଭ ଛଅ ଏବଂ ସାତ ଜାନୁଆରୀ ଦୁଇ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି କ୍ରୀଡ଼ାକୁ କ୍ୟାରିଅର କରି ଜୀବନଯାପନର ସୁଯୋଗ ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ପାରା ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ମଧୁସ୍ମିତା ସାହୁ କ୍ରୀଡ଼ା ମାଧ୍ୟମରେ ସେ କିପରି ସଫଳ ବ୍ୟକ୍ତି ହୋଇପାରିଛନ୍ତି ଏହା ବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୃସିଂହ ଚରଣ ସାହୁ, ଏମ୍‌ଏମସି ସଭାପତି ଦିଲ୍ଲୀପ କୁମାର କବାଟ, ପୂର୍ବତନ ଏସଏମ୍‌ସି ସଭାପତି ଅକ୍ଷୟ କୁମାର ପଣ୍ଡା

କ୍ରୀଡ଼ାର ବହୁମୁଖୀ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପଶାନ୍ତ କୁମାର ସାହୁ ସଭାପତିତ୍ୱ କରି, କ୍ରୀଡ଼ା ଆମ ବିଦ୍ୟାଳୟକୁ ଏକ ନୂତନ ପରିଚୟ ପ୍ରଦାନ କରିଛି ବୋଲି ବ୍ୟକ୍ତ କରିଥିଲେ। ରବିନାରାୟଣ ମହାନ୍ତି, ଅତିଥି ପରିଚୟ ଡ. ତରୁଣ କୁମାର ଭଟ୍ଟାଚାର୍ଯ୍ୟ ଏବଂ ହିମାଦ୍ରି ଦତ୍ତ ସଂଚାଳନା ଏବଂ ସନ୍ତୋଷ କୁମାର ଖିଲାର ଧନ୍ୟବାଦ ଅର୍ପଣ ରକିଥଲେ।

ବିଭିନ୍ନ ବଭାଗର ଖେଳ ଗୁଡିକ ଯଥାକ୍ରମେ ଟ୍ରାକ୍ ଇଭେଣ୍ଟରେ ସୋମନାଥ ଜେନା, ସସ୍ମିତା ପାଣି ଗ୍ରାହୀ, ଅପରାଜିତା ଦାସ, ଶୈଳଜାନନ୍ଦିନୀ ଜେନା, ସୁବାସିନୀ ମିଶ୍ର, ଥ୍ରୋ ଇଭେଣ୍ଟର ହିମାଂଶୁ କୁମାର ପଣ୍ଡା, ସୁକାନ୍ତି ସାହୁ, ଭାଗବତ ନାୟକ ଜମ୍ପ ଇଭେଣ୍ଟର ସୂର୍ଯ୍ୟ ପ୍ରକାଶ ଦଳାଇ, ଦେବସ୍ମିତା ମହାନ୍ତି, ବିଜୟିନୀ ପୁହାଣ ତଥା ପ୍ରାଇମେରୀ ପିଲାମାନଙ୍କ ର ଖେଳ ଭର୍ଷିଷ ଦାସ, ମାନସୀ ରାଣୀ ପାଢି, ଜୟନ୍ତୀ ତିଆଡି ପରିଚାଳାନା କରିଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଡିଏସ୍ ଓ ଅନୁପ କୁମାର ବେହେରା ଏବଂ ଆଇସି ଡିପିଓ ରାଜେନ୍ଦ୍ର ପ୍ରସାଦ ।ନାୟକ କ୍ରୀଡ଼ା ସ୍ୱାସ୍ଥ୍ୟ ପାଇଁ ଅପରିହାର୍ଯ୍ୟ ତଥା ମାନସିକ ସନ୍ତୁଳନର ଆଧାର, ଏହି ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ। ଏହି ଦୁଇ ଦିନର ଉତ୍ସବ ବିଦ୍ୟାଳୟର ପିଲାମାନଙ୍କର ଫ୍ୟାଗମାର୍ଚ୍ଚ, ସାଂସ୍କୃତି କାର୍ଯ୍ୟକ୍ରମ ଓ ଜମ୍ବଲ ମାର୍ଚ୍ଚ ପରୁସ୍କାର ବିତରଣ କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ପାଦିତ ହୋଇଥିଲା। ଏହି କ୍ରୀଡ଼ା ଅନୁଷ୍ଠାନକୁ ସାଫଲ୍ୟ କରିବା ପାଇଁ ବିଦ୍ୟାଳୟର ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ରାଉଳ, ମମତା ବିହାରି, ଅହିଂସା ପରିଡା, ଶିକ୍ଷା କର୍ମଚାରୀ ସ୍ୱାଗତ ଚନ୍ଦ୍ର ମଲ୍ଲିକ, ସୁଶାନ୍ତ ଜେନରା ଟିଙ୍ଗି ପ୍ରଦାନ କରୁଥିବା ବିଏଡ ଛାତ୍ରଛାତ୍ରୀଙ୍କର ସହଯୋଗ ବର୍ଣ୍ଣନାତିତ। କ୍ରୀଡ଼ା ଶିକ୍ଷକ ତପନ କୁମା ମିଶ୍ର ଖେଳ ପରିଚାଳନା କରିଥିଲେ ଏବଂ ତାଙ୍କୁ ରାଜେଶ କୁମାର ନାୟକ ସହଯୋଗ କରିଥିଲେ।

ସାଇବର ସଚେତନତା ଓ ଆତ୍ମରକ୍ଷା ପ୍ରଶିକ୍ଷଣ

ବଲାଙ୍ଗିର, ୧୩।୧ (ନି.ପ୍ର.): ତୁଷୁରା ସ୍ଥିତ ତୋଷାଳି ବିଦ୍ୟା ମନ୍ଦିରରେ ସାଇବର ସଚେତନତା ଓ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ସାଇବର ସେଲ ଆଇଆଇସି ଭାରତୀ

ନାୟକ ଓ ଜାତୀୟ ସ୍ତରୀୟ ଟାଇକଣ୍ଡୋ କୋଚ୍ ତଥା ସେଲ୍ଫ ଡିଫେନ୍ସ ଏକ୍ସପାର୍ଟ ଅସୀମ କୁମାର ଭୋଇ ସମ୍ମାନିତ ଅତିଥି ରୂପେ ଯୋଗଦାନ ଦେଇଥିଲେ। ସାଇବର ଠକଙ୍କ ଠାରୁ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ସେ ବିଷୟରେ ମୁଖ୍ୟ ଅତିଥି ଛାତ୍ର ଛାତ୍ରୀମାନଙ୍କୁ ସଚେତନ କରିଥିବା ବେଳେ ସମସ୍ତ ନାରୀ ସମାଜ ଆତ୍ମରକ୍ଷା ପ୍ରଶିକ୍ଷଣ ନେଇ ନିଜକୁ ସୁରକ୍ଷା ଦେବା ସଙ୍ଗେ ଅନ୍ୟମାନଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ସମ୍ମାନିତ ଅତିଥି ଶ୍ରୀ ଭୋଇ ତାଙ୍କ ବକ୍ତବ୍ୟରେ କହିଛନ୍ତି। କାର୍ଯ୍ୟକ୍ରମ କୁ ତୋଷାଳି ବିଦ୍ୟା ମନ୍ଦିରର ଟ୍ରଷ୍ଟବୋର୍ଡ ସଦସ୍ୟ ହେମନ୍ତ ସାହୁ ପରିଚାଳନା କରିଥିବା ବେଳେ ଶ୍ୟାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେବାଶିଷ ମହାପାତ୍ର, କାମଦେବ ପ୍ରଧାନ, ସୁରେନ୍ଦ୍ର ଭୋଇ, ସାବ୍ୟା ପ୍ରଧାନ, ଶରତ ବୁଡେକ, ଅଞ୍ଜଳି ପ୍ରଧାନ, ଲିଯିକା ଭୋଇ ଓ ସାଇବର କମ୍ୟୁନିକେଶନ ଏସ୍?ଆଇ ବୈଦ୍ୟୁର୍ଯ୍ୟ ପ୍ରଧାନ ସହଯୋଗ କରିଥିଲେ।

ଲୋନ ସୁଝି ନପାରିବାରୁ ଘରକୁ ଜବତ କଲା ବ୍ୟା